ସକାଳ
THE SAKALA



# ବାଲେଶ୍ୱର ଜିଲ୍ଲାରେ ମାଲମାଲ ବେଆଇନ ଇଟାଭାଟି

ବାଲେଶ୍ୱର, ୩।୪ (ସମିସ)



**ତହସିଲଦାର, ଉପଜିଲ୍ଲାପାଳ, ଖଣି ବିଭାଗ ସମସ୍ତେ ନିରବ**

ବାଲେଶ୍ୱର ଜିଲ୍ଲାରେ ଗଢ଼ି ଉଠିଛି ମାଲ ମାଲ ବେଆଇନ ଇଟା ଭାଟି। ସରକାରୀ ଜମି ସହ ଏବଂ ବୁଢ଼ାବଳଙ୍ଗ ନଈର ପଠାରୁ ମାଟି ଖୋଳି ସେହି ମାଟିରେ ୧୦ରୁ ଉର୍ଦ୍ଧ ବେଆଇନ ଇଟାଭାଟି ଚାଲୁଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ଖୁଲମଖୁଲା ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୨ରୁ ୫ କିମି ପରିଧି ଭିତରେ ବିନା କାଗଜପତ୍ରରେ ବେଆଇନ ଇଟାଭାଟି ଚାଲୁଥିବା ବେଳେ ଜିଲ୍ଲା ପ୍ରଶାସନ ସବୁ ଦେଖି ନ ଦେଖିବାର ଅଭିନୟ କରୁଛି। ଜନ ପ୍ରତିନିଧି ତଥା କିଛି ଜଣାଶୁଣା ନେତାଙ୍କ ଚାପର ବାସବର୍ତ୍ତୀ ହୋଇ ପ୍ରଶାସନ ଏହି ବେଆଇନ ଇଟା ଭାଟି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁଣ୍ଠାବୋଧ ହେଉଥିବା ଚର୍ଚ୍ଚା ହେଉଛି।

ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୨ କିମି ଦୂରରେ ରେମୁଣା ତହସିଲ ଅଧୀନ ଦେହପଡା ସହ ଫୁଲାଡି ଅଞ୍ଚଳରେ ରାସ୍ତା ପାଖର୍ରେ ଗଢ଼ି ଉଠିଛି ୫୦ରୁ ଉର୍ଦ୍ଧ ଛୋଟ ବଡ଼ ଇଟା ଭାଟି। ହେଲେ ଏହି ଇଟାଭାଟି ଚଲାଇବା ଜିଲ୍ଲା ପ୍ରଶାସନ କାହାକୁ ଅନୁମତି ଦେଇନଥିବା ବେଳେ ଏହି ଅଞ୍ଚଳରେ ୧୦ରୁ ଉର୍ଦ୍ଧ ଇଟାଭାଟି ଚାଲିଛି। ଟନ ଟନ କୋଇଲା ବ୍ୟବହୃତ ହେଉଥିବା ବେଳେ ଏହି ଇଟା ଭାଟିର ଚିମିନି ଧୂଆଁରେ ପ୍ରଦୂଷଣ ବୃଦ୍ଧି ପାଉଛି। କେବଳ ସେତିକି ନୁହଁ, ଇଟା ପାଇଁ ବ୍ୟବହୃତ ମାଟି ସରକାରୀ ଜାଗା ଏବଂ ନଈ ପଠାରୁ ତାଡି ମାଫିଆ ମାଲେମାଲ ହେଉଛନ୍ତି। ସେହିପରି ବୁଢ଼ାବଳଙ୍ଗ ନଦୀରୁ ବେଆଇନ ବାଲି ଉଠାଇ ଇଟାଭାଟିରେ ଷ୍ଟକ ମଧ ରଖା ଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟ ଯେ ରେମୁଣା ତହସିଲଦାର ନିଜକୁ ସ୍ୱଚ୍ଛ ଦେଖାଇବା ପାଇଁ ତାଙ୍କ ଅଧୀନରେ ନୁହଁ ବରଂ ଇଟାଭାଟି ଖଣି ବିଭାଗ ଅଧୀନରେ ଯାଉଛି କହି ସଫେଇ ଦେଉଛନ୍ତି। ଜମିର ମାଲିକ ରାଜସ୍ୱ ବିଭାଗ ହୋଇଥିବା ବେଳେ ଏହି ଜମିରେ ବେଆଇନ ଇଟା ଭାଟି ଚାଲିଥିବା ସ୍ଥଳେ ତହସିଲଦାର ଏହାକୁ ରୋକିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ ନକରିବା ତହସିଲଦାରଙ୍କ ଇଟା ମାଫିଆପ୍ରୀତି ପଦାରେ ପଡ଼ିଛି। କେବଳ ତହସିଲଦାର ନୁହଁ, ଏଥିରୁ ବାଦ ପଡ଼ିନି ଖଣି ବିଭାଗ। ଖଣି ବିଭାଗ ଆଖିରେ ଆଙ୍ଗୁଠି ଗେଞ୍ଜି ନଦୀ ପଠାରୁ ମାଟି ଉଠାଇ ଇଟା ଭାଟି ମାଫିଆ ମାଲେମାଲ ହେଉଥିବା ବେଳେ ବିପଦରେ ଜନବଶତି ଅଞ୍ଚଳ। ସରକାର ବନ୍ୟାରୁ ଜନବସତିକୁ ରକ୍ଷା କରିବା ପାଇଁ ନଦୀବନ୍ଧ ସୁଦୃଢ କରୁଛନ୍ତି। ହେଲେ ଇଟା ମାଫିଆ ନିଜର ଲାଭ ଖୋର ମନୋବୃତ୍ତି ପାଇଁ ଦେହପଡା ସହ ସ୍ଥାନୀୟ ଫୁଲାଡ଼ି ଅଞ୍ଚଳ ଦେଇ ଯାଇଥିବା ବୁଢ଼ାବଳଙ୍ଗ ନଦୀରୁ ବେଧଡ଼କ ବାଲି ମଧ ଉଠା ଯାଇ ଇଟାଭାଟିକୁ ଯାଉଛି, ନଈ ପଠାକୁ ଖୋଳି ଗାଡ଼ିଆରେ ପରିଣତ କରି ସାରିଲେଣି ମାଫିଆ। ହେଲେ ଇଟା ଭାଟି ପାଇଁ ମାଟି ଏବଂ ବାଲି ଲୁଟ କରୁଥିବା ମାଫିଆଙ୍କ ବିରୁଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖଣି ବିଭାଗର ଯୁ ପାଉନି। ସର୍ବୋପରି ଏଥିରୁ ବାଦ ପଡ଼ି ନାହାନ୍ତି ବାଲେଶ୍ୱର ଉପ ଜିଲ୍ଲାପାଳ। ଉପ ଜିଲ୍ଲାପାଳ ଦେହପଡ଼ା ଏବଂ ଫୁଲାଡ଼ି ଅଞ୍ଚଳରେ ବେଆଇନ ଇଟାଭାଟି ଚାଲୁନଥିବା ସ୍ପଷ୍ଟ କହୁଥିବା ବେଳେ ଦିନ ରାତି ୧୦ ରୁ ଉର୍ଦ୍ଧ ଇଟାଭାଟିରେ ଇଟା ପୋଡ଼ା ଯାଉଛି, ଖୁଲମ ଖୋଲା ଶ୍ରମିକ କାର୍ଯ୍ୟ କରୁଥିବା ବେଳେ ଚିମିନିରୁ ଅନବରତ କଳା ଧୂଆଁ ବାହାରୁଛି। ହେଲେ ଉପଜିଲ୍ଲାପାଳଙ୍କ ମନ୍ତବ୍ୟ ଇଟାଭାଟି ମାଫିଆଙ୍କ ପ୍ରୀତିକୁ ପକାଇଛି। ଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ ମାତ୍ର ୨ ରୁ ୫ କିମି ପରିଧି ମଧ୍ୟରେ ବେଆଇନ ଇଟା ଭାଟି ଚାଲୁଥିବା ବେଳେ ତ୍ରିକୋଣୀୟ ପ୍ରେମରେ ବନ୍ଧା ପଡ଼ିଛି ବାଲେଶ୍ୱର ଜିଲ୍ଲା ପ୍ରଶାସନ। ତହସିଲଦାର ଖଣି ଏବଂ ଉପ ଜିଲ୍ଲାପାଳ ସମସ୍ତେ ନିଜ ନିଜର କର୍ତ୍ତବ୍ୟ କରିବା ପରିବର୍ତ୍ତେ ଇଟା ମାଫଆଙ୍କୁ ପରୋକ୍ଷରେ ସମର୍ଥନ କରୁଥିବା ଚର୍ଚ୍ଚା ହେଉଛି। ପ୍ରତିଦିନ ଟନ ଟନ କୋଇଲା ପୋଡ଼ା ଯିବା କାରଣରୁ ବାୟୁମଣ୍ଡଳ ପ୍ରଦୂଷଣ ମାତ୍ରା କ୍ରମଶଃ ବଢ଼ି ଚାଲିଥିବା ବେଳେ ଇଟା ପ୍ରସ୍ତୁତ ପାଇଁ ବହୁଳ ପରିମାଣରେ ପାଣିର ବ୍ୟବହାର କରାଯାଉଛି। ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରିରହିଥିବା ସ୍ଥଳେ ପାଣି ପାଇଁ ଲୋକେ ହାହାକାର ହେଉଛନ୍ତି, ଏପରି ସ୍ଥଳେ ଭୂତଳରୁ କ୍ରମଶଃ ଜଳସ୍ତର କମିବାରେ ଲାଗିଛି। ବେଆଇନ ଇଟାଭାଟି ଉପରେ କୌଣସି ପ୍ରତିବନ୍ଧକ ନ ରହିବା ଜିଲ୍ଲା ପ୍ରଶାସନର ମାଫିଆଙ୍କ ସହ ଭିତିରି ସମ୍ପର୍କ ପାଦରେ ପଡ଼ିଛି। କାହା ଚାପରେ ଉପ ଜିଲ୍ଲାପାଳ ଶିବ ମାଲବ୍ୟ ଇଟା ଭାଟି ଚାଲୁ ନାହିଁ ବୋଲି ମିଛ କହୁଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କୁହନ୍ତି ପୂର୍ବରୁ ଉପ ଜିଲ୍ଲାପାଳ ବେଆଇନ ଇଟା ଭାଟି ବନ୍ଦ କରିଥିଲେ। ଏବେ ଯଦି ଚାଲୁଥିବ, ତେବେ ଏ ଦିଗରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲେଶ୍ୱର,୩।୪ (ସମିସ) : ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ବରୁଣ ସିଂ ପଞ୍ଚାୟତ ମାଳ ଗ୍ରାମର ଏକ ହାଣ୍ଡିଆ ଚାଳିରେ ଜଣେ ଯୁବକଙ୍କ ଝୁଲନ୍ତା ମୃତ ଦେହ ଆଜି ସକାଳ ସମୟରେ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବର ପାଇ ଗ୍ରାମବାସୀ ଖନ୍ତାପଡ଼ା ଥାନାକୁ ଜଣାଇଥିଲେ। ଖନ୍ତାପଡ଼ା ଥାନା ଅଧିକାରୀ ଅନୁରାଗ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ଯାଞ୍ଚ କରୁଥିବା ଜଣାପଡିଛି। ଯୁବକ ଜଣଙ୍କ ହେଉଛନ୍ତି ମାଳ ଅଞ୍ଚଳ ରସିକପୁର ଗ୍ରାମର ବାବାଜୀ ଦଳେଇଙ୍କ ପୁତ୍ର ହରେନ୍ଦ୍ର ଦଳେଇ(୩୫)। ଗତକାଲି ରାତିରେ ପରିବାର ଲୋକଙ୍କୁ କିଛି ନଜଣାଇ ଘରୁ କେଉଁଆଡ଼େ ହରେନ୍ଦ୍ର ଯାଇଥିଲେ। ଆଜି ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ବେଳେ ପରିବାର ଲୋକେ ହତ୍ୟା କରାଯାଇ ଥିବା ସନ୍ଦେହ ପ୍ରକଟ କରିଛନ୍ତି। ବେକରେ ବେଲଟ ରେ ହରେନ୍ଦ୍ର ବେକରେ ଦେଇ ଝୁଲୁଥିବା ବେଳେ ତାଙ୍କ ଗୋଡ ତଳେ ଲାଗିଥିବା ଦେଖିବାକୁ ମିଳିଛି। ତାଙ୍କୁ କେହି ମାରି ଟାଙ୍ଗି ଦେଇଥିବା ଅଞ୍ଚଳରେ ଆଲୋଚନା ହେଉଛି। ଅନ୍ୟପଟେ ଖନ୍ତାପଡ଼ା ପୁଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ତଦନ୍ତ କରି ଫେରିଥିବା ବେଳେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପଠାଇବା ସହିତ ଅଧିକ ତଦନ୍ତ ଜାରି ରଖିଛି।

## କିଓସ୍କ କର୍ମଚାରୀଙ୍କୁ ଆକ୍ରମଣ କରି ଲୁଟିନେଲେ ୩ ଲକ୍ଷ

ଜଳେଶ୍ୱର ବ୍ଲକ, ୩।୪ (ସମିସ): ରାଇବଣିଆ ଥାନା ଅଞ୍ଚଳରେ ଜଣେ କିଓସ୍କ ବ୍ୟାଙ୍କ କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ କରି ଲକ୍ଷାଧିକ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ପ୍ରାୟ ୩ ଲକ୍ଷ ଟଙ୍କା ସହ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଛଡ଼ାଇ ନେଇ ଲୁଟେରାମାନେ ଚମ୍ପଟ ମାରିଛନ୍ତି। ଜଳେଶ୍ୱର ବ୍ଲକ କଳମା ପଞ୍ଚାୟତ ନାଗେଶରପୁର ଗ୍ରାମର ଅନୀଲ ଗିରି ସରଡିହା ହାଟ ପଡ଼ିଆରେ ଏକ ବ୍ୟାଙ୍କ ଅଫ୍ ବରୋଦା କିଓସ୍କ ପରିଚାଳନା କରନ୍ତି। ବୁଧବାର ରାତି ପ୍ରାୟ ୯ ଟାରେ ସେ ନିଜ କାର୍ଯ୍ୟାଳୟ ବନ୍ଦ କରି ବାଇକ ଯୋଗେ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ପ୍ରସାଦସୋଳ ଖେଳ ପଡିଆ ନିକଟରେ ପହଞ୍ଚିବା ସମୟରେ ସାମ୍ନାପଟୁ ଏକ ବାଇକରେ ୩ଜଣ ଯୁବକ ଆସି ତାଙ୍କ ରାସ୍ତା ଅଟକାଇଥିଲେ। ଦୁର୍ବୃତ୍ତମାନେ ଅନୀଲଙ୍କୁ ବାଇକରୁ ଖସାଇ ନିଧୁମ ପିଟିବା ସହ ଭୁଜାଲି ଦେଖାଇ ଭୟଭୀତ କରିଥିଲେ। ସେମାନେ ଅନୀଲଙ୍କ ପାଖରେ ଥିବା ପ୍ରାୟ ୩ ଲକ୍ଷ ଟଙ୍କା, ୩ଟି ବ୍ୟାଙ୍କ ଚେକ ବହି ଏବଂ ୨ଟି ଏଟିଏମ କାର୍ଡ ଲୁଟି ନେଇ କଷାଫଳିଆ ଅଭିମୁଖେ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ରାଇବଣିଆ ପୁଲିସ ଏଏସ୍ଆଇ ରାମେଶ୍ୱର ସୋରେନ ଓ ଅନ୍ୟ କର୍ମଚାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

## ଗୋ ରକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର, ୩।୪ (ସମିସ) : ଗୋ ରକ୍ଷା କରିବାକୁ ଯାଇ ଜୀବନ ଦେଇଥିବା କୃପାସିନ୍ଧୁ ବେହେରାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ବଡବଜାରଛକଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ, ନନ୍ଦିନୀ ଗୋଶାଳା, ଭାରତୀୟ ଜନତାପାର୍ଟି ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ କପିଳେଶ୍ୱର ମହାନ୍ତି, ଡ. ଅଜିତ୍ ମହାନ୍ତି, ସମୀର ପାତ୍ର, ଚନ୍ଦନ ଦାସ, ଅନନ୍ତ ଦାସ, ଗୋବିନ୍ଦ ସାହୁ, ବନମାଳି ଧଳ, ଇନ୍ଦୁମତୀ ଗିରି, ଦେବଯାନୀ ଅଣ୍ଡିଆ, ସୁମତି ରଣା, ସମର କରଣ, ସଂଗ୍ରାମ ଜେନା, ଜଗନ୍ନାଥ ପରିଡା, ରାଜେଶ ଖଟୁଆ ପ୍ରମୁଖ ବହୁ ବ୍ୟକ୍ତି ଶ୍ରଦ୍ଧାସୁମନ ଅର୍ପଣ ସହିତ ନିରବ ପ୍ରାର୍ଥନା କରିଥିଲେ।

## ପାରିବାରିକ କଳହ; ଘରେ ନିଆଁ ଲଗାଇଲା ଯୁବକ

ଜଳେଶ୍ୱର, ୩।୪ (ସମିସ) : ପାରିବାରିକ କଳହରୁ ଉତ୍କ୍ଷିପ୍ତ ହୋଇ ଜଣେ ଯୁବକ ନିଜଘରକୁ ନିଆଁ ଲଗାଇଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଆରୁହା ପଂଚାୟତ ନିମପୁର ଗାଁର କୈଳାସ ଦେଙ୍କ ପୁଅ ଶିବନାରାୟଣ ଦେ ନିଜ ସ୍ତ୍ରୀ ସହିତ କହଳ ପରେ ଘରେ ନିଆଁ ଲଗାଇ ଦେଇଥିଲା। କିରୋସିନି ଢାଳି ଶୋଇବା କୋଠରୀରେ ନିଆଁ ଲଗାଇ ଦେବାରୁ କୋଠରୀ ମଧରେ ଥିବା ସମସ୍ତ ଆସବାବପତ୍ର ସହିତ ଘରେ ଥିବା ବିଭିନ୍ନ ଉପକରଣ ପୋଡି ନଷ୍ଟ ହୋଇ ଯାଇଛି। ଖବର ପାଇ ଜଳେଶ୍ୱର ଅଗ୍ନିଶମ ବିଭାଗ, ସବଙ୍ଗ ସିଂ, କେଲାରାମ ମାରାଣ୍ଡି, ଇମ୍ରାନ ଆଲନ ଖାଁ, ଭରତ ବେହେରା, ଶଶିକାନ୍ତ ମହାପାତ୍ର, ସମୀର ହାତୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିବା ଜଣାଯାଇଛି।

## ଶୀତକାଳୀନ ସେବା ଶିବିର ଉଦ୍‌ଯାପିତ

ନୀଳଗିରି, ୩।୪ (ସମିସ): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶିବିରର ଉଦଯାପନୀ ଉତ୍ସବ ଅଧକ୍ଷା ପ୍ରଫେସର ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାତଦିନ ଧରି ଚାଲିଥିବା ଏହି ଶିବିରରେ ବରିଷ୍ଠ ଅଧ୍ୟାପିକା ଡ. ଶିବାନୀ ଡଗର, ଅଧ୍ୟାପିକା ଭାଗ୍ୟବତୀ ସ, ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ଯୋଗଦେଇ ସେବା ଶିବିରରେ ଯୋଗଦେଇଥିବା ଶିବିରାର୍ଥୀଙ୍କ ଅନୁଭବକୁ ଶ୍ରବଣ କରିବା ସହ ଭାବ ଆଦାନପ୍ରଦାନ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଜାତୀୟ ସେବା ଶିବିରର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମୌସୁମୀ ଭୋଳ ଓ ମୋନାଲିସା ଭୋଳ ପରିଚାଳନା କରିଥିଲେ। ଏହି ଶିବିରରେ ୬୦ ଛାତ୍ରୀ ଯୋଗଦାନ କରିଥିଲେ।

## କଷାଫଳ କୁଞ୍ଜମେଳାରେ ମହିଳା କବାଡ଼ି ପ୍ରତିଯୋଗିତା

ବାଲେଶ୍ୱର ସଦର, ୩।୪ (ସମିସ): ବାଲେଶ୍ୱର ଜିଲ୍ଲା ସଦର ବ୍ଲକ କଷାଫଳରେ ପିତା ଜନ୍ମେଜୟ ପଣ୍ଡା ଏବଂ ମାତା ଭଗବତୀ ପଣ୍ଡାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜକୁ ୮ ଦିନ ଧରି ପୁଅ ବରୁଣ ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କୁଞ୍ଜ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳା ଅବସରରେ ମହିଳା କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୮ ଟି ଦଳ ଭାଗ ନେଇ ଥିଲେ। ଶେଷରେ ବଗଦା ଏବଂ ପରଖୀ ମଧରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପରଖୀ ଦଳକୁ ୧୦ ପଏଣ୍ଟରେ ହରାଇ ବଗଦା ଦଳ ଚାମ୍ପିଅନ ହୋଇଥିଲା। ମୁଖ୍ୟଅତିଥି ଭାବେ କଷାଫଳ ଗ୍ରାମର ସମାଜସେବୀ ମୁକୁନ୍ଦ ଆଦିକ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। କମିଟି ତରଫରୁ ନାଏବ ସରପଞ୍ଚ ପ୍ରିୟରଞ୍ଜନ ପୃଷ୍ଟି, ଶିବାନନ୍ଦ ପାତ୍ର, ଶ୍ରୀପତି ଗିରି, ସପନ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ

ଜଳେଶ୍ୱର, ୩।୪ (ସମିସ) : ଜଳେଶ୍ୱର ବ୍ଲକସ୍ଥିତ ସୁବର୍ଣ୍ଣରେଖା ମଣ୍ଡଳର ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅବସରରେ ଏକ ପ୍ରଶିକ୍ଷଣ ବର୍ଗ ଆଜି ଅପରାହ୍ନ ୫ଟା ସମୟରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସୁବର୍ଣ୍ଣରେଖା ମଣ୍ଡଳ ସଭାପତି ଅନୁପ ପ୍ରଧାନ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଦୀପ କୁମାର ପଣ୍ଡା, ବିଜେପି ନେତା ବ୍ରଜ ମୋହନ ପ୍ରଧାନ, ଯୁବନେତା କାଳିଚରଣ ଦାସ, ତରୁଣ ପଟ୍ଟନାୟକ, ସରପଞ୍ଚ ରଞ୍ଜନ ମହାନ୍ତି, ମଣ୍ଡଳ ସଭାପତି ସଂଜୀବ ଜେନା, ଜିତେନ୍ଦ୍ର ଦାସ, ବିଶ୍ୱରୂପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ସଭ୍ୟମାନେ ଏହାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଅଧିଗତ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦୁଇ ଦିନ ଧରି ଚାଲିବ।

## ‘ସାପ କାମୁଡ଼ା ପ୍ରତିରୋଧ ଓ ପ୍ରତିକ୍ରିୟା’ ସଚେତନତା କାର୍ଯ୍ୟକ୍ରମ



ବାଲେଶ୍ୱର, ୩।୪ (ସମିସ): ଅନ୍ତର୍ଜାତୀୟ ଏଭଏଡେବଲ୍ ଡେଥ୍ସ ଦିବସ ଅବସରରେ ମଖାପଦା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ‘ସାପ କାମୁଡ଼ା ପ୍ରତିରୋଧ ଓ ପ୍ରତିକ୍ରିୟା’ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଫ୍ଏମ୍‌ୟୁ ସ୍ନାତକୋତ୍ତର ବିଭାଗ ଜନସଂଖ୍ୟା ଅଧ୍ୟୟନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗର ସଂଯୋଜକ ଡ. ଗ୍ରେସ ବାହାଲେନ ମୁଣ୍ଡାଙ୍କ ନେତୃତ୍ୱରେ ସହାୟକ ଅଧ୍ୟାପକ ଡ. ଜଗନ୍ନାଥ ବେହେରା, ସମୀର କୁମାର ଜେନା ଓ ମାନସ କୁମାର ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ସହାୟକ ପ୍ରାଧ୍ୟାପକ ଡ଼କ୍ଟର ନିଳାଦ୍ରୀ ଭୂଷଣ କର ଯୋଗଦେଇ ସାପ କାମୁଡ଼ାର କାରଣ, ପ୍ରତିରୋଧ ଉପାୟ ଓ ସଠିକ୍ ପ୍ରଥମିକ ଚିକିତ୍ସା ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କୁ ସଚେତନ କରିଥିଲେ।

## ବଦଳିବ ଜଳେଶ୍ୱର ଆର୍‌ଏମ୍‌ସି ହାଟର ରୂପରେଖ

ଜଳେଶ୍ୱର ବ୍ଲକ, ୩।୪ (ସମିସ): ଜଳେଶ୍ୱର ଦୈନିକ ଓ ସାପ୍ତାହିକ ହାଟକୁ ଏକ ମଡେଲ ହାଟ ଭାବେ ପ୍ରତିଷ୍ଠା କରିବା ପାଇଁ ଜଳେଶ୍ୱର ଆରଏମ୍‌ସି ପକ୍ଷରୁ ଯୋଜନା ହୋଇଛି। ଏଥିପାଇଁ ଜଳେଶ୍ୱର ପୌରପାଳିକା ସଭାଗୃହରେ ଯୋଜନାର ରୂପରେଖ ନେଇ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରିଥିଲେ ଜଳେଶ୍ୱର ପୌରପାଳିକାର ଅଧକ୍ଷ ପ୍ରତୀପ କୁମାର ପ୍ରଧାନ। ଜଳେଶ୍ୱର ଆଏମ୍‌ସି ସମ୍ପାଦକ ଡ. ସୁକାର ପାତ୍ର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ପୌର ଉପାଧକ୍ଷା ପୁଷ୍ପପ୍ରିୟା କାମିଲା, ପୌର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ, ଆଉଏମ୍‌ସି ନିର୍ଦ୍ଦେଶକ ସତ୍ୟ ଦାସମହାପାତ୍ର, ପୌର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଶୀଲ କୁମାର ମୁର୍ମୁ ପ୍ରମୁଖ ଆଲୋଚନାରେ ଭାଗ ନେଉଥିଲେ। ହାଟ ଆଖପାଖରେ ୩ଟି ପାର୍କିଂ ପ୍ଲେସ୍, ହାଟ ମଧରେ କଭରସେଡ୍ ଓ ଛାତପକ୍କା ଘର, ୧୫/୧୦ ପରିମିତ





ଅଫିସଘର, ଜଳ ନିଷ୍କାସନ ବ୍ୟବସ୍ଥା, ଗ୍ୟାରେଜ୍, ସିସି କ୍ୟାମେରା, ଛୋଟ ଉଦ୍ୟାନ,

**ବ୍ୟବସାୟୀଙ୍କୁ ନେଇ ସମନ୍ୱୟ ବୈଠକ**

ଉଜ୍ଜ୍ୱଳ ଆଲୋକମାଳା ଆଦି ଏହି ମଡେଲ ହାଟର ଅଂଶହେବ ବୋଲି ଡ. ପାତ୍ର ସୂଚନା ଦେଇଥିଲେ। ବୈଠକରେ ବ୍ୟବସାୟୀଙ୍କ ପ୍ରତିନିଧି ଭାବେ ପ୍ରାକ୍ତନ କାଉନ୍ସିଲର ବିଜୟ କାମିକା, ଅମୂଲ୍ୟ ଚାନ୍ଦ, ମହେଶ୍ୱର ବେହେରା, ସନ୍ତୋଷ ସେନାପତି, ପ୍ରଦୀପ ଭଞ୍ଜ, ସତ୍ୟନାରାୟଣ ଦାସ, ଗୋଲକ ପାଳ, ଜୟନ୍ତ ବେରା ପ୍ରମୁଖ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ସେହିପରି କାଉନ୍ସିଲର ସେଖ୍ ସଫିରୁଦ୍ଦିନ, ସୂରଜ ଚୌରାସିଆ, ଶିବନାରାୟଣ ମହାପାତ୍ର, ଚନ୍ଦନ ଦାସ, ଗୋବିନ୍ଦ ମାହୁ, ମୀରା ଆବାମ ଅଲ୍ଲା, କାଉନ୍ସିଲର ପ୍ରତିନିଧି ଆଦିତ୍ୟ ନାରାୟଣ ପାତ୍ର, ଜଗଦୀଶ ନନ୍ଦା, ସୁଶାନ୍ତ ମାହୁଙ୍କ ସହ ବହୁ ବ୍ୟବସାୟୀମାନେ ଆଲୋଚନାରେ ଭାଗ ନେଇଥିଲେ। ଜଳେଶ୍ୱର ସାପ୍ତାହିକ ହାଟରେ ୨୫୦୦ ଦୈନିକ ହାଟରେ ୧୦୦ ରୁ ଉର୍ଦ୍ଧ ବ୍ୟବସାୟୀ ବ୍ୟବସାୟ କରୁଥିବାବେଳେ ଉତ୍ତର ବାଲେଶ୍ୱର ସମେତ ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଅଞ୍ଚଳର ଲକ୍ଷ ଲକ୍ଷ ଲୋକେ ଏହା ଉପରେ ନିର୍ଭର କରିଥାନ୍ତି।

## ପଞ୍ଚୁରୁଖିରେ ଲକ୍ଷ୍ମୀନାରାୟଣ ପୂଜା

କାଳିପଦା, ୩।୪ (ସମିସ): କୈବର୍ତ୍ତ ପୂର୍ଣ୍ଣିମା ଉପଲକ୍ଷେ ବାଲିଆପାଳ ବ୍ଲକ ମଧୁପୁରା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଞ୍ଚୁରୁଖି ଗ୍ରାମର କୈବର୍ତ୍ତ ସମ୍ପ୍ରଦାୟ ପକ୍ଷରୁ ଅନୁଷ୍ଠିତ ଲକ୍ଷ୍ମୀ ନାରାୟଣ ପୂଜା ଶୁକ୍ରବାର ସମାପନ ହୋଇ ଯାଇଛି। ଏହି ବୁଧବାରଠାରୁ ଆରମ୍ଭ ହୋଇ ତିନି ଦିନ ଧରି ଧୂମ ଧାମରେ ଅନୁଷ୍ଠିତ ହେଇଥିଲା। ରବିବାର ମୂର୍ତ୍ତି ବିସର୍ଜନ ପରେ ସମସ୍ତ କାର୍ଯ୍ୟ ସମାପନ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଏହି ପୂଜା ପାଇଁ କୈବର୍ତ୍ତ ସମ୍ପ୍ରଦାୟ ଲୋକମାନେ ତିନିଦିନ ମାଛ ମରାକୁ ସମ୍ପୂର୍ଣ୍ଣ ବନ୍ଦ ରଖିଥିଲେ। ଏହା ଥିଲା ସେମାନଙ୍କର ଆରାଧ ପୂଜା। ପୂଜା କମିଟିର ସଦସ୍ୟ କୀର୍ତ୍ତନ ମହାନା, ଶ୍ରୀକାନ୍ତ ମାହାନା, ବିଭୂତି ଭୂଷଣ ଖଣ୍ଡା, କୁଞ୍ଜ ବିହାରୀ ଖଣ୍ଡା, ଅଭିମନ୍ୟୁ ଗଙ୍ଗାଇ, ଜୟ ପ୍ରକାଶ ଖଣ୍ଡା, ଜୟନାରାୟଣ ଖଣ୍ଡା, ସୁଧାଂଶୁ ମାହାନା, ଦେବାନନ୍ଦ ଖଣ୍ଡା, ସତ୍ୟଜିତ ଖଣ୍ଡା, ମନୋରଞ୍ଜନ ଖଣ୍ଡା, ଦୀପକ ଖଣ୍ଡା ପ୍ରମୁଖ ପୂଜା ପରିଚାଳନା ଦାୟିତ୍ୱ ତୁଲାଇଥିଲେ। କୈବର୍ତ୍ତ ପୂର୍ଣ୍ଣିମା ଅବସରରେ ଅନୁଷ୍ଠିତ ଲକ୍ଷ୍ମୀନାରାୟଣ ପୂଜା କୈବର୍ତ୍ତ ସମ୍ପ୍ରଦାୟର ଏକ ବିଶେଷ ପୂଜା ଭାବରେ ଆବହମାନ କାଳରୁ ପ୍ରଚଳିତ ହୋଇ ଆସୁଥିବାରୁ ଚଳିତ ବର୍ଷ ଚୌଧୁରୀ କୁଦ, ପଞ୍ଚୁରୁଖି ପଶ୍ଚିମ ସାହି, କାଳରୁଇ, ଜାମକୁଣ୍ଡା, ତାଳପଦା ଆଦି ବିଭିନ୍ନ ଗାଁ ଓ ସାହିମାନଙ୍କରେ ଲକ୍ଷ୍ମୀ ନାରାୟଣଙ୍କ ପୂଜାଅର୍ଚ୍ଚନା ବହୁଳ ଭାବରେ କରାଯାଉଥିବାର ଦେଖିବାକୁ ମିଳିଛି।



## ବ୍ୟବସାୟୀଙ୍କ ଘରୁ ଲୁଟ୍ ଘଟଣାରେ ୩ ଅଟକ

ନୀଳଗିରି, ୩।୪ (ସମିସ): ଗତ ମାର୍ଚ୍ଚ ୨୫ତାରିଖରେ ନୀଳଗିରି ଏନଏସି ଅନ୍ତର୍ଗତ ୯ନଂ ୱାର୍ଡ କାହାଲିଆ ଗ୍ରାମର ବିଶିଷ୍ଟ ବ୍ୟବସାୟୀ ଗୋବିନ୍ଦା ସିଂହଙ୍କ ଘରେ ୬ଜଣ ଅଜ୍ଞାତ ଲୁଟେରା ବନ୍ଧୁକ, ତେଲେଙ୍ଗା କଟୁରୀ ଆଦି ମାରଣାସ୍ତ୍ର ଦେଖାଇ ପ୍ରାୟ ୩୦ଲକ୍ଷରୁ ଅଧିକ ମୂଲ୍ୟର ସୁନାଅଲଙ୍କାର ସହିତ ନଗଦ ୨୦ ଲକ୍ଷ ଟଙ୍କା ଲୁଟିନେଇ ଖସି ପଳାଇ ଯାଇଥିଲେ। ଏ ନେଇ ନୀଳଗିରି ଥାନାରେ ଅଭିଯୋଗପରେ ପୁଲିସ ସକ୍ରିୟହୋଇ ଲୁଟେରାଙ୍କ ପିଛାକରିଥିଲା। ଆଜି ଉକ୍ତ ଲୁଟେରା ଗ୍ରୁପର ୩ଜଣଙ୍କୁ ଅଟକରଖି ଅଧିକ ତଦନ୍ତଜାରି ରହିଛି। ଉକ୍ତରାତି ପ୍ରାୟ ୯.୩୦ରେ ସିଂହ ପରିବାରର ସମସ୍ତ ସଦସ୍ୟ ଖାଇବାକୁ ବସିଥିବା ବେଳେ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଧରି ଭୟଭୀତ କରିବା ସହିତ ଗୋବିନ୍ଦା ସିଂହଙ୍କ ସମେତ ପରିବାରର ଅନ୍ୟମହିଳା ମାନଙ୍କୁ ମୁହଁରେ ବ୍ଲାକଟେପ୍ ଲଗାଇ ମୁହଁବନ୍ଦ କରିବା ସହିତ ସମସ୍ତଙ୍କ ମୋବାଇଲ ଛଡ଼ାଇନେଇଥିଲେ। ପରେ ଗଡରେଜ୍ ଭାଙ୍ଗି ପ୍ରାୟ ୨୦ଲକ୍ଷ ଟଙ୍କାର ନଗଦରାଶି ସହ ୩୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ନେଇଯାଇଥିଲେ। ପୁଲିସ ଘଟଣାକୁ ଗୁରୁତର ସହ ନେଇ ଅପରାଧୀଙ୍କ ପିଛା କରୁଥିବା ବେଳେ ଗତ ୩ ଦିନ ଧରି ଫୋନଟେପିଂ ମାଧ୍ୟମରେ ଅଜି ୩ ଜଣ ଲୁଟେରାଙ୍କୁ ଅଟକ ରଖିଥିବା ଜଣାପଡ଼ିଛି। ଅଟକ ଅଭିଯୁକ୍ତ ମଧ୍ୟରୁ ଜଣେ ରେମୁଣା ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଦୁଇଜଣ ଖନ୍ତାପଡ଼ା ଅଞ୍ଚଳର ବୋଲି ଜଣାପଡିଛି। ତେବେ ଉକ୍ତ ଲୁଟ ଘଟଣାରେ ଖୁବଶୀଘ୍ର ଅନ୍ୟ ଲୁଟେରା ଧରାଯିବ ବୋଲି ପୁଲିସ ସୂଚନା ଦେଇଛି।

## ସିଆରପିଏଫ୍ ଯବାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସୋର, ୩।୪ (ସମିସ): ସୋର ବ୍ଲକ ମାଣିପୁର ପଞ୍ଚାୟତ ମାଣିପୁର ଗ୍ରାମର ଜଣେ ସିଆରପିଏଫ ଯବାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଗ୍ରାମର ପ୍ରମୋଦ ଶିଅଳ ସିଆରପିଏଫରେ ଯବାନ ଭାବେ ୧୯୯୨ ଫେବୃଆରୀ ୨୫ରେ ନବରଙ୍ଗପୁର ଜିଲ୍ଲାରେ ସିଆରପିଏଫରେ ଯବାନ ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ଦୀର୍ଘ ୩୩ ବର୍ଷ ଧରି ଦେଶ ସେବାରେ ନିୟୋଜିତ ହୋଇ ଗତ ମାର୍ଚ୍ଚ ୩୧ ତାରିଖରେ ସବ ଇନ୍ସପେକ୍ଟର ଭାବେ କାର୍ଯ୍ୟରୁ ଅବସର ନେଇଥିଲେ। ଆଜି ଅପରାହ୍ନରେ ମାଣିପୁର ବଜାରରେ ପହଁଚିବା ପରେ ସେଠାରୁ ଏକ ଶୋଭାଯାତ୍ରାରେ ଗ୍ରାମ କରିକ୍ରମା କରିଥିଲେ। ଗ୍ରାମରେ ପହଞ୍ଚିବା ପରେ ତାଙ୍କୁ ଉତ୍ତରୀୟ, ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦେଇଥିଲେ।

## ଜ୍ଞାନ ବିଜ୍ଞାନର ବାର୍ଷିକ ଉତ୍ସବ

ବାଲିଆପାଳ, ୩।୪ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱରରେ ଅବସ୍ଥିତ ଜ୍ଞାନ ବିଜ୍ଞାନ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅତ୍ୟନ୍ତ ଆଡ଼ମ୍ବରପୂର୍ଣ୍ଣ ଭାବରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଜୟନାରାୟଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବେ ସିଆରସିସି ସୁଶାନ୍ତ କୁମାର ରାଉଳ, ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ଡ. ହରପ୍ରସାଦ ପାଳ ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାକର ଦାସ ଯୋଗଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମ୍ପାଦକ ଶିକ୍ଷକ ବିଦୁର ପଡ଼ିଆରୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ପ୍ରଧାନ ଶିକ୍ଷକ ଅଜୟ କୁମାର ରାଉଳ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅପହରଣକାରୀଙ୍କ କବଳରୁ ଶିଶୁକୁ ଉଦ୍ଧାର କଲେ

ଜଳେଶ୍ୱର ବ୍ଲକ, ୩।୪ (ସମିସ) : ବାଲେଶ୍ୱରସଦରବ୍ଲକଅନ୍ତର୍ଗତଆଲୁମେଦା ପଞ୍ଚାୟତ ଲେଲିନ ମଲ୍ଲିକଙ୍କ ନଅ ବର୍ଷର ପୁଅକୁ କେତେକ ଦୁର୍ବୃତ୍ତ ଅପହରଣ କରି ପଶ୍ଚିମବଙ୍ଗ ଅଭିମୁଖେ ନେଉଥିବା ସମୟରେ ସୁବର୍ଣ୍ଣରେଖା ନଦୀ ପୋଲ (ରାଜଘାଟ) ନିକଟରେ ପିଲାଟିକୁ ଉଦ୍ଧାର କରିଥିଲେ ଜଳେଶ୍ୱର ବ୍ଲକର ରାଜପୁରା ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ମଧୁସୂଦନ ଦାସ। ତାଙ୍କର ଏହି ସାହସିକ ଓ ମାନବିକ ପଦକ୍ଷେପ ପାଇଁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ଡ୍ରେନ୍ ଭିତରେ ବିସ୍ଫୋରଣ, ଜଳିଗଲା ପାଣି ପାଇପ୍

ବାଲେଶ୍ୱର, ୩।୪ (ସମିସ)

ବାଲେଶ୍ୱରସହରରେଏକଅଭାବନୀୟଘଟଣାଘଟିଯାଇଛି। ଅଳ୍ପକେ ଅଘଟଣକୁ ସ୍ଥାନୀୟ ବାସିନ୍ଦା ବର୍ତ୍ତିଯାଇଛନ୍ତି। ଏପରି ଘଟଣା ଆଜି ବାଲେଶ୍ୱର ପୌରପାଳିକାର ୯ ନଂ. ୱାର୍ଡର ପିଡବ୍ଲୁଡି କଲୋନୀ ପଛପାଖ ପ୍ରଗତି ନଗରର ଆଦିବାସୀ ଅଞ୍ଚଳରେ ଦେଖିବାକୁ ମିଳିଛି। ଏହି ୱାର୍ଡରେ ଶୁକ୍ରବାର ଦିନ ହଠାତ୍ ଜୋର୍ ଶବ୍ଦରେ ବିସ୍ଫୋରଣ ହୋଇଥିଲା। ନିଆଁ ସହ ଧୂଆଁ ବାହାରିଥିଲା। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇଥିଲେ। ଡ୍ରେନ୍ ଭିତରେ ପିଏଚଡିର ପାଇପ ସବୁ ଜଳି ପାଉଁଶ ହୋଇଯାଇଛି। ସ୍ଥାନୀୟ ଲୋକେ ସଙ୍ଗେ ସଙ୍ଗେ ଦମକଳ ବାହିନୀକୁ ଖବର ଦେବା ପରେ ନିଆଁ ଆୟତ୍ତ ହୋଇଥିଲା। ଏଥିରେ କୌଣସି ଧନଜୀବନ କ୍ଷତି ହୋଇନଥିବା ଜଣାପଡିଛି। ନିଆଁ ଲାଗିବା ଦ୍ୱାରା ପାଇପ୍ ଫାଟି ନଷ୍ଟ ହୋଇଯାଇଛି।

ମିଳିଥିବା ସୂଚନା ଅନୁସାରେ, ଉକ୍ତ ଅଞ୍ଚଳ ନିକଟରେ ଏକ ସାଇନ୍ସ ଲାବ୍ ରହିଥିବାରୁ କୌଣସି କାରଣରୁ ନାଳରୁ ନିର୍ଗତ କେମିକାଲରେ ନିଆଁ ଲାଗିଯାଇଥିବା ସନ୍ଦେହ କରାଯାଇଛି। କେମିକାଲ ସଂସ୍ପର୍ଶରେ ନିଆଁ ଆସି ଏପରି ବିସ୍ଫୋରଣ ଘଟିଥିବା ଅନୁମାନ କରାଯାଉଛି। ହେଲେ ବିସ୍ଫୋରଣର କାରଣ ଏଯାଏଁ ସ୍ପଷ୍ଟ ହୋଇନାହିଁ। ଏ ନେଇ ସ୍ଥାନୀୟ କାଉନସିଲର ସଞ୍ଜୀବ କୁମାର ଦାସ କହିଛନ୍ତି, ଆଜି ଡ୍ରେନ୍ ଭିତରେ ଏକ ବିସ୍ଫୋରଣ ହୋଇଛି। ନିକଟରେ ସରକାରୀ କେମିକାଲ ପାଠାଗାର ରହିଛି।



ୱାର୍ଡରେ ଶୁକ୍ରବାର ଦିନ ମଧ୍ୟାହ୍ନ ୧୨ ଘଟିକା ସମୟରେ ଜୋର୍ ଶବ୍ଦରେ ବିସ୍ଫୋରଣ ହୋଇଥିଲା। ଡ୍ରେନ୍ ଭିତରେ ପିଏଚଡିର ପାଇପ ସବୁ ଜଳିକି ପାଉଁଶ ହୋଇଯାଇଛି। ସଙ୍ଗେ ସଙ୍ଗେ ଦମକଳବାହିନୀକୁ ଖବର ଦେବା ପରେ ନିଆଁ ଆୟତ୍ତ ହେଲା। ପରେ ଆମେ ଡ୍ରେନ୍ ସଫା କରି ପାଇପ୍ ସଜାଡ଼ିବାକୁ ଦେଇଛୁ। କାଲି ତଦନ୍ତ ହେବ ଯେ କେଉଁ କାରଣ ପାଇଁ ବିସ୍ଫୋରଣ ହୋଇଛି। ଆସନ୍ତାକାଲି ଟିମ୍ ଆସି ଯାଞ୍ଚ କରିବେ। ଏହି ଡ୍ରେନ୍ ଉପରେ ଲୋକେ ଚୁଲି କରି ରନ୍ଧା ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ତେବେ ସେଇ ଗରମ କାରଣରୁ ହେଉକି କେମିକାଲ କାରଣରୁ ବିସ୍ଫୋରଣ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ। ଆମେ ପିଏଚଡି ବିଭାଗକୁ ବି ଜଣାଇଛୁ’।

### ଅବ୍ୟବସ୍ଥାରେ କୟାଁଗୋଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

# ନାହାନ୍ତି ସ୍ଥାୟୀ ଡାକ୍ତର; ଫାର୍ମାସିଷ୍ଟ କରୁଛନ୍ତି ରୋଗୀ ସେବା

**ମଙ୍ଗଳପୁର, ୩।୪(ସମିସ)**



ଷ୍ଟାଫ୍ କ୍ୱାଟର ଏବେ ଭୂତକୋଟି

ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ କୟାଁଗୋଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ଅବ୍ୟବସ୍ଥାରେ ମଧ୍ୟରେ ଥିବା ଅଭିଯୋଗ ହୋଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଜିଲ୍ଲାର ଶେଷ ଭାଗରେ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଲାଗି ପଡ଼ୋଶୀ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲା ଅବସ୍ଥିତ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଯାଜପୁର ଜିଲ୍ଲା ସମେତ ପଡ଼ୋଶୀ କେନ୍ଦ୍ରାପଡ଼ା ଓ ଭଦ୍ରକ ଜିଲ୍ଲାର ଅନେକ ଜନସାଧାରଣ ନିର୍ଭର କରିଥାନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ମଙ୍ଗଳପୁର ସିଏଚ୍‌ସି ଅଧୀନରେ ରହିଥିବା ବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ଜଣେ ମାତ୍ର ଆୟୁଷ ଡାକ୍ତର ରୋଗୀସେବା କରୁଛନ୍ତି। ଅନେକ ସମୟରେ ଏହି ଆୟୁଷ ଡାକ୍ତରଙ୍କୁ ମଙ୍ଗଳପୁର ସିଏଚ୍‌ସିରେ ଡ୍ୟୁଟି ପକାଯାଉଥିବାରୁ ମେଡିକାଲକୁ ଆସୁଥିବା ରୋଗୀମାନେ ଡାକ୍ତରଙ୍କ ପରିବର୍ତ୍ତେ ଜଣେ ଫାର୍ମାସିଷ୍ଟଙ୍କ ଉପରେ ନିର୍ଭର କରିଥାନ୍ତି। କାରଣ ଏଠାରେ ଦୀର୍ଘଦିନ ହେବ ଡାକ୍ତର ପଦବୀ ଖାଲି ପଡ଼ିଥିବା ବେଳେ ଫାର୍ମାସିଷ୍ଟ ଜଣଙ୍କ ରୋଗୀ ସେବା କରିଆସୁଛନ୍ତି। ଫାର୍ମାସିଷ୍ଟ ଜଣକୁ ଛାଡ଼ିଲେ ଏହି ମେଡିକାଲରେ ଜଣେ ଷ୍ଟାଫ ନର୍ସ, ଜଣେ ସିକ୍ୟୁରିଟି, ଜଣେ ସୁଇପର, ଜଣେ ଲାବ୍ରୋଟୋରି ଟେକ୍ନିସିଆନ, ଜଣେ ଆଟେନାଣ୍ଟ ରହିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଏଏନ୍‌ଏମ୍ ଜଣଙ୍କୁ ଅନ୍ୟତ୍ର ବଦଳି କରି ନିଆଯାଇଥିବା ବେଳେ ଏଠାର ଏଏନଏମ୍ ପଦବୀ ମଧ୍ୟ ଖାଲିପଡ଼ିଛି। ସ୍ଥାୟୀ ଡାକ୍ତର ନଥିବାରୁ ଗୁରୁତର ରୋଗୀମାନେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଆସୁଥିବା ଜଣା ପଡ଼ିଛି। ବନ୍ୟାପ୍ଳାବିତ୍ ଏହି ଅଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଟି ଜାତୀୟ ରାଜପଥ ଠାରୁ ୨/୩ ଫୁଟ ଖାଲରେ ନିର୍ମାଣ କରାଯାଇଥିବାରୁ ବନ୍ୟା ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରଟି ବନ୍ୟା ଜଳରେ ବୁଡ଼ିଯାଇଥାଏ। ଫଳରେ ବନ୍ୟା ସମୟରେ ରୋଗୀମାନଙ୍କୁ ଡାକ୍ତର ମାନେ ମୁଖ୍ୟ ରାସ୍ତା ଉପରେ ବସି ଅସ୍ଥାୟୀ ପାଲ ତଳେ ଚିକିତ୍ସା କରିଥାନ୍ତି। ସେହିପରି ବର୍ତ୍ତମାନ ଯେଉଁ ଘରେ ସ୍ୱାସ୍ଥ୍ୟ କେନ୍ଦ୍ରଟି ଚାଲୁଛି ସେହି ଘରଟି ବର୍ତ୍ତମାନ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ସେହି ଘରର ଅନେକ ସ୍ଥାନରେ କାନ୍ଥ ଗୁଡିକ ଫାଟିଯିବା ସହ ଅନେକ ସ୍ଥାନରେ ଛାତ ଫାଟିଯାଇଥିବା ଦେଖିବା ପାଇଁ ମିଳିଛି। ସେହିପରି ଅନେକ ସ୍ଥାନରେ ଢଳେଇ ଗୁଡିକ ମଧ୍ୟ ଫାଟି ଖଣ୍ଡ ଖଣ୍ଡ ହୋଇ ଗଳି ପଡ଼ିଥିବାର ଦେଖିବାକୁ ମିଳିଛି। ଫଟା କାନ୍ଥରେ ବାଲି ଓ ଉପରେ ରଙ୍ଗ ମାରି ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ବର୍ତ୍ତମାନ ସେହି ଫଟା କାନ୍ଥ ଓ ଫଟା ଛାତରୁ ବାଲି ଖସି ପଡ଼ିଥିବା ବେଳେ ରଙ୍ଗ ମଧ୍ୟ ଛାଡ଼ିଯାଇ ପୂର୍ବଭଳି ଫଟା ଛାତ ଓ ଫଟା କାନ୍ଥ ଦେଖାଯାଉଛି।

ସେହିପରି ଷ୍ଟାଫ ମାନଙ୍କ ରହିବା ପାଇଁ ଏକ ଷ୍ଟାଫ କ୍ୱାଟର ନିର୍ମାଣଥିଲେ ମଧ୍ୟ ତାହା ଏବେ ଭୁତକୋଠି ପାଲଟିଛି। ଏପରିକି ଷ୍ଟାଫ କ୍ୱାଟରଟି ବର୍ତ୍ତମାନ ବଣବୁଦା ମଧ୍ୟରେ ଲୁଚି ଯାଇଥିବା ଦେଖିବାକୁ ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ରର ଚାରିପାଖରେ ସଫାସୁତାର କରାଯାଉନଥିବାରୁ ଘାସ, ବଣ ବୁଦାରେ ପରିପୂର୍ଣ୍ଣ ହୋଇଛି। ସେହିପରି ଡ୍ରେସିଂ ରୁମର କାନ୍ଥ ଓ ଛାତ ମଧ୍ୟ ଅନେକ ସ୍ଥାନରେ ଫାଟି ଯାଇଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନିର୍ମାଣଧୀନ ଅନ୍ୟ ଘର ଗୁଡିକର କାନ୍ଥ ଓ ଛାତ ଫାଟିଥିବା ଦେଖିବା ପାଇଁ ମିଳିଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ଭାଗରେ ଲାଗିଥିବା ନାମ ଫଳକଟି କିଛିଦିନ ହେବ କୁଆଡ଼େ ଉଭାନ ହୋଇଯାଇଥିବା ବେଳେ ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ସ୍ୱାସ୍ଥ୍ୟକେନ୍ଦ୍ରଟି କେଉଁଠି ବୋଲି ଜାଣିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ମୁସ୍‌ଲିମ୍‌ସାହି କମ୍ୟୁନିଟି ଗୃହର ଶିଳାନ୍ୟାସ



**ଧର୍ମଶାଳା, ୩।୪(ସମିସ):** ଧର୍ମଶାଳା ବ୍ଲକ ଚୋରମୁହାଁ ମୁସଲିମ ସାହିରେ ଏକ କମ୍ୟୁନିଟି ହଲର ଆଜି ଶିଳାନ୍ୟାସ ହୋଇଯାଇଛି। ଯୁବ ସଂଗଠକ ରାଜେଶ ପାଳ ଓ ଅଭିଷେକ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଛନ୍ତି। ଚୋରମୁହାଁ ମୁସଲିମ ସାହିର ଇଦ୍‌ଗା ପଡ଼ିଆ ନିକଟରେ ହେବାକୁ ଥିବା କମ୍ୟୁନିଟି ହଲରେ ସ୍ଥାନୀୟ ଲୋକେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିବାହ ଭୋଜି କରିପାରିବେ। ଆଜିର ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଗୌତମ ସାହୁ, ନିର୍ମଳ ପ୍ରଧାନ, ମୁନା ଖାଁ, ମଦନ ନାୟକ, ଗୀତାଞ୍ଜଳି ପ୍ରଧାନ, ଅନୁପ ସାମଲ, ଅଶୋକ ସାହୁ, ଅର୍ଜୁନ ରାଉତ, ପରମେଶ୍ୱର ପଣ୍ଡା, ନାରାୟଣ ମଲିକ, ଦେବେନ୍ଦ୍ର ସାମଲ, ସେକ ସାହିଲ, ସେକ ୟାକୁବ, ସୂର୍ଯ୍ୟକାନ୍ତ ରାଉତ, ଚିନ୍ମୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ସେକ ସନାଉଲ୍ଲା, ସେକ୍ ଅଲିମୁଦ୍ଦିନ, ସେକ୍ ଆସିଫ ଅଲ୍ଲୀ, ସେକ ମନିରୁଦ୍ଦିନ, ସେକ ରାଜା ପ୍ରମୁଖ ପରିଚାଳନା କରିଥିଲେ।

## ପାଣିକୋଇଲି ମା' ହିଙ୍ଗୁଳାଙ୍କ ଯଜ୍ଞୋତ୍ସବ

**ପାଣିକୋଇଲି, ୩।୪(ସମିସ):** ପବିତ୍ର ଚୈତ୍ର ମାସରେ ଅଗ୍ନିବର୍ଷୀ ମା' ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କୋରାଇର ବିଭିନ୍ନ ହିଙ୍ଗୁଳାଙ୍କ ପୀଠରେ ଅନୁଷ୍ଠିତ ହେଉଥିବା ବେଳେ ପାଣିକୋଇଲିସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ମଧ୍ୟ ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି।



ଇତ୍ୟବସରରେ ଗୋପୂଜା, ସୂର୍ଯ୍ୟପୁଜା, ନାମଯଜ୍ଞ, ଚଣ୍ଡୀପାଠ ପରେ ଯଜ୍ଞଚରୁ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥି ସହିତ ପ୍ରତିଦି ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା, ଭଜନ ସଂଧ୍ୟା, ମେଲୋଡ଼ି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସ୍ଥାନୀୟଅଞ୍ଚଳର ବେଦଜ୍ଞ ବ୍ରାହ୍ମଣ ପଣ୍ଡିତ ଅକ୍ଷୟ କୁମାର ଦାଶଙ୍କ ନେତୃତ୍ୱରେ କର୍ତ୍ତା ଭାବେ ରବୀନ୍ଦ୍ର ପଣ୍ଡା ଓ ଗ୍ରାମବାସୀ ଭଜନ କୀର୍ତ୍ତନ ସହିତ ସ୍ଥାନୀୟ ମା' ଜାଗୁଳାଇଙ୍କ ପୋଖରୀରୁ ପବିତ୍ର ଜଳ ଆଣି ଘଟସ୍ଥାପନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଦିଲ୍ଲିପ କୁମାର ମଲ୍ଲିକ, ଦେବଦତ୍ତ ରାୟ, ପଞ୍ଚାନନ ଓଝା, ଦାମୋଦର ବିଶ୍ୱାଳ, ଅରୁପାନନ୍ଦ ମଲ୍ଲିକ, ଦୀପକ ନାୟକ, ମନୋଜ ମଲ୍ଲିକ, ଶୁଭେନ୍ଦୁ ସିଂ, କୃଷ୍ଣ ନାୟକ, କ୍ଷୀରୋଦ ମଲ୍ଲିକ, ଅମରେନ୍ଦ୍ର ବିଶ୍ୱାଳ, ସନ୍ତୋଷ ରାୟ, ବୁଲବୁଲ ରାୟ, ଧବଳ ଓଝା, ଶ୍ରୀଧର ଓଝା, ଅନୀଲ ବିଶ୍ୱାଳ, ପ୍ରହ୍ଲାଦ ମଲ୍ଲିକ, ଆକାଶ ମଲ୍ଲିକ ପମୁଖ ପରିଚାଳନା କରିଥିଲେ। ଏଥି ସହିତ ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଛି ହିଙ୍ଗୁଳା ଯାତ୍ରା। ପ୍ରତ୍ୟେକ ପୀଠରେ ଶୁକ୍ରବାର ରାତ୍ରିରୁ କଳସ ବୁଡ଼ା କାର୍ଯ୍ୟକ୍ରମ ସରିଯାଇଛି। ଆଜି ଠାରୁ ଆରମ୍ଭ ହୋଇଛି ଯଜ୍ଞ, ନାମଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ। ଅନେକ ସ୍ଥାନରେ ମହିଳା ଗାୟିକା ପାଲା ଅନୁଷ୍ଠିତ ହେଉଛି। ଅମୃତିଆ, ପାଣିକୋଇଲି, ଓଚିନ୍ଦା, ନୁରଙ୍ଗା ଓ ସୋତି ଆଦି ଗ୍ରାମରେ ଲସ ବୁଡା କାର୍ଯ୍ୟକ୍ରମ କରାଯାଇଛି। ଯଜ୍ଞ, ଉଭାଯାତ୍ରା ପରେ ପୂର୍ଣ୍ଣାହୁତି କରାଯିବ। ପ୍ରାୟ ସପ୍ତାହ ବ୍ୟାପି ଏହି କାର୍ଯ୍ୟକ୍ରମ ଜାରି ରହିବ।

## ଆମ ଗାଁ କଣ୍ଢେଇ ମେଳଣ ଉଦ୍‌ଯାପିତ



**ଧର୍ମଶାଳା, ୩।୪(ସମିସ):** ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ଥିବା ପଡ଼ିଆରେ ଗୁରୁବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଆମ ଗାଁ କଣ୍ଢେଇ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଏହି ମେଳଣରେ ବଡ଼ ଓ ଛୋଟ ମିଶି ୧୦ଗୋଟି ବିମାନ ଯୋଗଦେଇ ହୋଲି ଖେଳିଥିଲେ। ଦୋଳ ବିମାନରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ବିରାଜମାନ କରି ମେଳଣ ପଡ଼ିଆରେ ପ୍ରବେଶ କରିଥିଲେ। ଶୋଭାଯାତ୍ରାରେ ମେଲୋଡି, ଲଉଡ଼ି ଖେଳ, ବାଣ ଓ ଭଜନ କୀର୍ତ୍ତନ ପରିବେଷଣ କରଯାଇଥିଲା। କମିଟିର କର୍ମକର୍ତ୍ତା ଶ୍ରୀଶ୍ରୀ ବାଲଗୋପାଳଜୀଉର କୁମାରୀ ଥାନପତି ବିମାନଙ୍କୁ ନିମନ୍ତ୍ରଣ ଜଣାଇ ଆସିବା ପରେ ସେ ପ୍ରଥମ ଚାରାରେ ବସିଥିଲେ। ମେଳଣରେ ଗୋପୀନାଥଜୀଉ ଗଙ୍ଗାଧରପୁର, ଶ୍ରୀଶ୍ରୀ ରାଧାକୃଷ୍ଣଜୀଉ ବୌଳମାଳ ସାହି, ଶ୍ରୀଶ୍ରୀ ବୃନ୍ଦାବନଜୀଉ ଗୋବିନ୍ଦ ପାଟଣା, କୃଷ୍ଣଚନ୍ଦ୍ର ଗୋପୀନାଥଜୀଉ ନୂଆସାହି, ଶ୍ରୀଶ୍ରୀ ବୃନ୍ଦାବନଜୀଉ ପାଟଣା ଆଦି ୧୦ ଗୋଟି ବିମାନ ଯୋଗଦେଇ ହୋଲି ଖେଳିଥିଲେ। ଆଖପାଖରୁ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ରାଧାକୃଷ୍ଣଙ୍କ ଦର୍ଶନ କରିଥିଲେ। ଏହି ମେଳଣରେ କୁମାରୀ, ଦେଉଳିପାଳ ଓ ଦେଉଳିର ଗ୍ରାମବାସ 1 ଉପସ୍ଥିତ ରହି ପରିଚାଳନା ସହାୟତା କରିଥିଲେ।

## ସୁଭାଷ ବୋଷ ସ୍କୁଲର ବାର୍ଷିକ ଉତ୍ସବ




**ପାଣିକୋଇଲି, ୩।୪(ସମିସ):** ପାଣିକୋଇଲିସ୍ଥିତ ସୁଭାଷ ବୋଷ ଇଂଲିସ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଜମି ରଜସ୍ୱ ବିଭାଗ ଅତିରିକ୍ତ କମିଶନର ଅକ୍ଷୟ କୁମାର ମଲ୍ଲିକ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ବିଦ୍ୟାଳୟର ଅଧକ୍ଷ ରବୀନ୍ଦ୍ର କୁମାର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ପ୍ରାଣକୃଷ୍ଣ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଗୋକୁଳାନନ୍ଦ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସିଆରସିସି କେଶବ ଚନ୍ଦ୍ର ସେଠୀ, ମା' ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅବଦୁଲ ସୟଦ ଖାଁ, ଇଂରାଜୀ ଶିକ୍ଷକ ସାଇ ଶଙ୍କର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଭାଗ୍ୟଶ୍ରୀ ଦଳାଇଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଶିକ୍ଷୟତ୍ରୀ ନମିତା ଦାସଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମ୍ପାଦକ ବିଜନ କୁମାର ଧଳ ବାର୍ଷିକ ବିବରଣୀ ପାଠ କରଇଥିଲେ। ବିଦ୍ୟାଳୟର ଛାତ୍ର ସୈନିକ ସ୍କୁଲର ପ୍ରବେଶିକା ପରୀକ୍ଷା ଉତ୍ତୀର୍ଣ୍ଣ ହୋଇଥିବା ସୋହମ ସାହୁ, ଅର୍ପିତ ସୁମନ ଘଡ଼ାଇ ଓ ବୃତ୍ତି ପାଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ମାତୃଜ୍ୟୋତି ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତ କାର୍ଯ୍ୟକ୍ରମ ନୃତ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା।

## ଅମୃତିଆ ମା' ହିଙ୍ଗୁଳାଦେବୀଙ୍କ ମହୋତ୍ସବ ଉଦ୍‌ଘାଟିତ



**ପାଣିକୋଇଲି, ୩।୪(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆସ୍ଥିତ ୫୫ତମ ମା' ହିଙ୍ଗୁଳା ପୂଜା ମହାସମାରୋହରେ ପାଳିତ ହେଉଛି। ଏହି ଅବସରରେ ମା'ଙ୍କ ପୀଠ ଠାରେ ମହୋତ୍ସବ-୨୦୨୬ ଉଦ୍‌ଘାଟିତ ହୋଇଛି। ମହୋତ୍ସବ ସନ୍ଧ୍ୟାରେ ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। କମିଟିର ସଭାପତି ଅଭୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯାଜପୁରରୋଡ୍ ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର, ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, ନାରାୟଣ ଶତପଥି ପ୍ରମୁଖ ଯୋଗଦେଇଥିଲେ। ଶେଷରେ ନୀଳାଦ୍ରି ଭୂଷଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ବେଳେ ଓଡ଼ିଶାର ସୁନାମଧନ୍ୟ ଗାୟିକାଙ୍କ ଦ୍ୱାରା ପାଲା ପରିବେଷଣ କରାଯିବ। ମା'ଙ୍କ ଝୋଟପାଟ ବା ଉଭା ଯାତ୍ରାଥିବାରୁ ସହସ୍ରାଧିକ ମହିଳା ଓ ଭକ୍ତ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ନାରାୟଣ ରାଉତ, ମନୋଜ କୁମାର ଲେଙ୍କା, ହରେକୃଷ୍ଣ ପଣ୍ଡା, ଅଭିମନ୍ୟୁ ସେଠୀ, ଜଗବନ୍ଧୁ ଖଣ୍ଡାଇ, ଅଶୋକ ମହାରଣା, ଅନନ୍ତ ବେହେରା, ବିଜୟ ବାରିକ, ବିଜୟ ମହା।ପତ୍ର, ସୁରେନ୍ଦ୍ର ସ୍ୱାଇଁ, କୁଳମଣି ଲେଙ୍କା, ସୁବାସ ମଳିକ, ସୁରେଶ ଖଣ୍ଡାଇ, ସେମାନାଥ ପତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସମସ୍ତ ସଦସ୍ୟ ଓ ଯୁବ ବନ୍ଧୁ ମାନେ ସହଯୋଗ କରିଥିଲେ।

## ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚ ଗଠିତ

**ବ୍ୟାସନଗର, ୩।୪(ସମିସ):** ବ୍ୟାସନଗର ସ୍ଥାନୀୟ ସାପଗଡ଼ିଆ ବନଦୁର୍ଗା କମ୍ୟୁନିଟ ସେଣ୍ଟର ପରିସରରେ ବରିଷ୍ଠ ନାଗରିକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସମାଜସେବୀ ପ୍ରବକ୍ତା ଲୋକନାୟକ ଜୟପ୍ରକାଶ ନାୟକ ନାରାୟଣଙ୍କ ନାମରେ ଏକ ବରିଷ୍ଠ ନାଗରିକ ମଞ୍ଚ ଗଠନ ପାଇଁ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏହି ମଞ୍ଚଟି ଆଡଭୋକେଟ ବ୍ରଜକିଶୋର ପତି ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଆଲୋଚନାଚକ୍ର ସାମ୍ପ୍ରତିକ ସମାଜ ଗଠନରେ ବରିଷ୍ଠ ନାଗରିକଙ୍କର ଭୂମିକା ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବର୍ଷିଆନ ଶିକ୍ଷାବିତ ଶ୍ୟାମସୁନ୍ଦର ପଣ୍ଡା, ଅନ୍ୟତମ ଅତିଥି ଭାବରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଅବସରପ୍ରାପ୍ତ ମହାପ୍ରବନ୍ଧକ ନିରାକାର ସାହୁ, ବିଶିଷ୍ଟ ସମାଜସେବୀ ଧ୍ରୁବଚରଣ ଜେନା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ପଣ୍ଡା କହିଥିଲେ ଯେ ଆଜିର ସମାଜର ବରିଷ୍ଠ ନାଗରିକମାନେ ହେଉଛନ୍ତି ଏକ ଜୀବନ୍ତ ଅନୁଭବ ସଂଗ୍ରହାଳୟ। ସେମାନଙ୍କର ସୁରକ୍ଷା ଆମର ଦାୟିତ୍ୱ। ବୈଠକ ଶେଷରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା ଓ କିଶୋର କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଝାଡେଶ୍ୱର ମହାବିଦ୍ୟାଳୟ ଅଧକ୍ଷ ଡ. ଅକ୍ଷୟ କୁମାର ପଣ୍ଡା, ଅଜୟ କୁମାର ବିଶ୍ୱାଳ, ଶୁଭଦର୍ଶୀ ମଲ୍ଲ, ଚୈତନ୍ୟ ଚରଣ ଓଝା, ବିଜୟ କୁମାର ବେହେରା, ପ୍ରମୋଦ କୁମାର ହରିଚନ୍ଦନ, ପ୍ରଦୀପ କୁମାର ପୃଷ୍ଟି, ଦୀପକ କୁମାର ବାରିକ ପ୍ରମୁଖ ଯୋଗଦେଇଥିଲେ।



## ନଦୀରେ ବୁଡ଼ିଯାଇ ଯୁବକ ମୃତ

**ଧର୍ମଶାଳା, ୩।୪(ସମିସ):** ଧର୍ମଶାଳା ଥାନା କେଲୁଅ ନଦୀର ମିର୍ଜାପୁର ଘାଟରେ ଗାଧୋଉଥିବା ବେଳେ ପାଣିରେ ବୁଡିଯାଇ ଜଣେ ଯୁବକର ଶୋଚନୀୟ ମୃତ୍ୟୁ ଘଟିଛି। ସୂଚନା ମୁତାବକ ଡିହ କୁରାଁଶ ଗ୍ରାମର ଅବୁତାଲିମ ଖାଁଙ୍କ ପୁଅ ଅସିଫ ଖାଁ (୧୯) ନେଉଳପୁରସ୍ଥିତ ମାମୁ ଘରକୁ ବୁଲିବାକୁ ଆସିଥିବା ବେଳେ ଆଜି ପୂର୍ବାହ୍ନରେ ସାଙ୍ଗ ମାନଙ୍କ ସହିତ କେଲୁଅ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ସାଙ୍ଗ ମାନଙ୍କ ସହିତ ଗାଧୋଉଥିବା ବେଳେ ସେ ହଠାତ ଗଣ୍ଡରେ ବୁଡିଯାଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ପାଣିରୁ ଉଦ୍ଧାର କରି ଧର୍ମଶାଳା ମେଡିକାଲରେ ଭର୍ତ୍ତୀ କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଧର୍ମଶାଳା ପୁଲିସ୍ କେସ ନମ୍ବର ୧୧୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ବାଇକ୍ ଧକ୍କାରେ ନାବାଳକ ଗୁରୁତର

**ବାଲିଚନ୍ଦ୍ରପୁର, ୩।୪(ସମିସ):** ଏକ ବାଇକ ଧକ୍କାରେ ଜଣେ ନାବାଳକ ଗୁରୁତର ଆହତ ହୋଇଛନ୍ତି। ଆହତ ନାବାଳକ ହେଉଛନ୍ତି ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତରାଜପୁର ଗ୍ରାମର ସେନ୍ତାଷ ମହାପାତ୍ରଙ୍କ ପୁଅ ସାଇମନ (୮)। ସୂଚନା ମୁତାବକ ଆଜି ଦିନ ୧୨ ଟାରେ ସାଇମନ ବାଲିଚନ୍ଦ୍ରପୁର-ଲଳିତଗିରି ରାସ୍ତାର ପତରାଜପୁର ରାସ୍ତାରେ ଚାଲି ଚାଲି ଯାଉଥିଲା। ଏହି ସମୟରେ ନାନପୁର ଦଳେଇ ସାହିର ଜଣେ ଯୁବକ ବାଇକ ଯୋଗେ ସେହି ରାସ୍ତା ଦେଇ ଦ୍ରୁତ ଗତିରେ ଯାଉଥିବା ବେଳେ ବାଇକ୍‌ଟି ସାଇମନକୁ ଧକ୍କା ଦେଇଥିଲା। ଏଥିରେ ସାଇମନ ଗୁରୁତର ଆହତ ହୋଇ ତଳେ ପଡ଼ି ଯାଇଥିଲା। ସ୍ଥାନୀୟ ଲୋକେ ସାଇମନକୁ ଉଦ୍ଧାର କରି ଚିକିତ୍ସା ପାଇଁ ତାଙ୍କୁ ମାହାଙ୍ଗା ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ଗୁରୁତର ହେବାରୁ ତାକୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଖବର ପାଇ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ବାଇକ ଆରୋହିଙ୍କ ଠିକଣା ଜାଣି ତାଙ୍କ ଘର ନାନପୁର ଦଳେଇ ସାହିକୁ ଯାଇ ବାଇକଟିକୁ ଜବତ କରି ଥାନାକୁ ଆଣିଥିଲେ। ହେଲେ ଦୁର୍ଘଟଣା ଘଟାଇଥିବା ଯୁବକ ଜଣକ ଫେରାର ଥିବା ବେଳେ ଖୁବଶୀଘ୍ର ଫେରାର ଯୁବକଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଦିଲ୍ଲୀପ କୁମାର ମହାନ୍ତି ସୂଚନା।

## ଦେଶୀ ମଦ ଜବତ; ବ୍ୟବସାୟୀ ଗିରଫ

**ଦାନଗଦି, ୩।୪(ସମିସ):** ଟମକା ଥାନା ଏଏସ୍‌ଆଇ ଦୀପ୍ତିଶେଖର ଦାସ ସନ୍ଧ୍ୟା ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇଲେ ଯେ ପାଟବଲି ଗ୍ରାମର ଚୈତନ୍ୟ ମହାନ୍ତଙ୍କ ପୁଅ ପିଣ୍ଟୁ ମହାନ୍ତ (୨୮) ତାଙ୍କ ଗ୍ରାମରେ ମଦ ବିକୁଛନ୍ତି। ସେ ତୁରନ୍ତ ସେହି ଜାଗାରେ ପହଞ୍ଚି ଦେଖିଲେ ସେ ମଦ ବିକୁଛି। ସେ ଲୋକଟି ପାଖରୁ ୪ଟି ପ୍ଲାଷ୍ଟିକ ବୋତଲ ପାଇଲେ ସେଥିରେ ୨ ଲିଟର ଦେଶୀ ମଦ ପାଇ ଜବତ କଲେ ଓ ଅଭିଯୁକ୍ତକୁ ଗିରଫ କରି ଥାନାକୁ ଆଣିଲେ। ଏହି ଘଟଣାକୁ ଆଧାର କରି ପୁଲିସ ୪୫/୨୦୨୬ରେ ଏକ ମାମଲା ରୁଜୁକରି ରୁଜୁ କରି ଘଟଣାର ତଦନ୍ତ କରୁଛି।

## ମା' ମଙ୍ଗଳାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ

**ପାଣିକୋଇଲି, ୩।୪(ସମିସ):** କୋରେଇ ବ୍ଲକ ଅର୍ନ୍ତଗତ କରଦା ପଞ୍ଚାୟତର ବର୍ତ୍ତମଣା ଗ୍ରାମରେ ୩ୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ମହାସମାରୋହରେ ପାଳିତ ହୋଇଛି। ପଣ୍ଡିତ ଦୀପକ ପଣ୍ଡା ଓ ବିରଜା ମଣ୍ଡଳ ପଣ୍ଡିତଙ୍କ ଦ୍ୱାରା ଯଜ୍ଞ ଅନୁଷ୍ଠିତ ହୋଇଥିଲା। କର୍ତ୍ତା ଭାବେ ଜଗବନ୍ଧୁ ପ୍ରହରାଜ, ପାର୍ବତୀ ପ୍ରହରାଜ ପ୍ରମୁଖ ଯୋଗଦାନ କରିଥିବା ବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। କମିଟି ପକ୍ଷରୁ ସୁବାସ ଚନ୍ଦ୍ର ସାହୁ, ମନୋଜ କୁମାର ଦାସ, ଅଜୟ କୁମାର ଦାସ, ପ୍ରଶାନ୍ତ ଖଣ୍ଡାଇ, ବାସୁଦେବ ଦାସ, ଦିଲ୍ଲୀପ ଖଣ୍ଡାଇ, ରମେଶ ପ୍ରହରାଜ, ହରିହର ସାହୁ, ବିଜୟ ଦାସ, ବନମାଳୀ ଦାସ, ତନୁଆ ବାରିକ, ଅନିରୁଦ୍ଧ ଦାସ ପ୍ରମୁଖ ସହଯୋଗ କରିଥିଲେ।

## ବୈତରଣୀ ଛାତ୍ରୀ ନିବାସର ବାର୍ଷିକ ଉତ୍ସବ

**ଯାଜପୁର, ୩।୪(ସମିସ):** ନରସିଂହ ଚୌଧୁରୀ ମହାବିଦ୍ୟାଳୟର ବୈତରଣୀ ଛାତ୍ରୀ ନିବାସର ବାର୍ଷିକ ଉତ୍ସବ ଅସ୍ମିତା ତୃତୀୟ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀ ନିବାସର ତତ୍ତ୍ୱାଧାରିକା ଶ୍ରଦ୍ଧାଞ୍ଜଳି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରୀର ମହିଳା କର୍ପୋରେଟର ଅଞ୍ଜୁ ପ୍ରଧାନ ଯୋଗ ଦେଇଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ମାଷ୍ଟର ସେଫ୍ ଇଣ୍ଡିଆର ଉପବିଜେତା ମଞ୍ଜୁ ଓଝା, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରଞ୍ଜନ କୁମାର ବେହେରା, ଛାତ୍ରୀ ନିବାସର ସହ ତତ୍ତ୍ୱାଧାରିକା ଦେବଶ୍ରୀ ରାୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହ ମହାବିଦ୍ୟାଳୟର ବହୁ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀ ନିବାସର ସାଧାରଣ ସମ୍ପାଦିକା ମନୁଲିପ୍ସା ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଇଟା ବେପାରୀଙ୍କୁ ସୁରକ୍ଷା ଦେଉଛନ୍ତି ତହସିଲଦାର

**ବିଞ୍ଝାରପୁର, ୩।୪(ସମିସ)**



ବିଞ୍ଝାରପୁର ଅଞ୍ଚଳରେ ଦିନକୁ ଦିନ ବେଆଇନ୍ ଭାବେ ବଢ଼ି ଚାଲିଛି ମାଟି ଚାଲାଣ। ମାଟି ଚାଲାଣ ସାଙ୍ଗକୁ ବଢୁଛି ବେଆଇନ୍ ଭାବରେ ଶତାଧିକ ଇଟାଭାଟି। ଗ୍ରୀଷ୍ମ ପ୍ରବାହ ଆରମ୍ଭ ନ ହେଉଣୁ ତାତି ବଢ଼ାଇଲାଣି ଇଟାଭାଟି। ନା ତହସିଲ ପ୍ରଶାସନକୁ ବେପାରୀ ମାନଙ୍କ ଭୟ ଅଛି ନା ତହସିଲଦାର ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁଛନ୍ତି। ଜୋରିମାନା ଆଦାୟ କରି ତହସିଲ ପ୍ରଶାସନ ହାତଯାକି ବସିଯାଉଛି। ଆଉ ଜରିମାନା ପ୍ରଦାନ କରୁଥିବା ଇଟା ବେପାରୀ ସକ୍ରିୟ ହୋଇ ଉଠିଛନ୍ତି। ଯେଉଁଥିପାଇଁ ଏବେ ପରିବେଶ ପ୍ରଦୂଷଣ ହେବା ସହିତ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ଅଭିଯୋଗ ମଧ୍ୟ ଆସୁଅଛି। ଅଭିଯୋଗ ଅନୁଯାୟୀ ଯାଜପୁର ଜିଲ୍ଲା ବିଞ୍ଝାରପୁର ତହସିଲ୍ ଅଧୀନରେ ଖରସ୍ରୋତା ନଦୀ ପଠାରୁ ବେଧଡ଼କ ଭାବେ ଚାଲିଛି ମାଟି ଚାଲାଣ। ଖାଲି ମାଟି ଚାଲାଣ ନୁହେଁ ଇଟା ଭାଟି ମଧ୍ୟ ବଢ଼ି ଚାଲିଛି। ବାଛଳ, ଫତେପୁରରେ ଖରସ୍ରୋତା ନଦୀ ସଂଲଗ୍ନ ଅଞ୍ଚଳରୁ ସହ ସହ ମାଟି ଟ୍ରିପ ଜେସିବିରେ ତାଡ଼ି ଟ୍ରାକ୍ଟର ସାହାଯ୍ୟରେ ଚାଲାଣ କରି ମାଟିମାଫିଆ ମାନେ ମାଲାମାଲ ହେଉଥିବା ବେଳେ ଖରୋସ୍ରୋତା ନଦୀ ପଠାର ଭୂସମ୍ପତ୍ତି ନଷ୍ଟ ହେଉଛି। ଅନ୍ୟ ପଟେ ଏହି ମାଟିକୁ ନେଇ ମୁନଫାଖୋର ଇଟା ବ୍ୟବସାୟୀ ଜନଜୀବନକୁ ଖାତିର ନ କରି ଗ୍ରୀଷ୍ମ ପ୍ରବାହରେ ଭାଟି ଉପରେ ଭାଟି ପୋଡ଼ିବାରେ ବ୍ୟସ୍ତ ଅଛନ୍ତି। ଯୁଆଡ଼େ ନଜର ଦେବେ ଜଳନ୍ତା ଇଟା ଭାଟି ଆଉ ଜେସିବି ଟ୍ରାକ୍ଟରରେ ଚାଲିଛି ମାଟି ବୁହା। ତହସିଲଦାରଙ୍କ ପାଖରେ ଖବର ଥିଲେ ବି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ କରିଛନ୍ତି ବିଞ୍ଝାରପୁର ଅଞ୍ଚଳ ଜନସାଧାରଣ। ଅଳ୍ପସ୍ୱଳ୍ପ ପରିମାଣର ଫାଇନ ସ୍ୱରୂପ ସରକାରୀ ରସିଦ କାଟି ବାକି ଅର୍ଥ କୁଆଡେ ବେପାରୀଙ୍କ ସହ ରାଜସ୍ୱ ଓ ଖଣି ବିଭାଗର ଭିତିରିଆ ଡିଲ୍ ହେଉଥିବା ଶୁଣିବାକୁ ମିଳିଲାଣି।

ସୂଚନା ଅଧିକାର ଆଇନ ବଳରେ ମାର୍ଚ୍ଚ ୧୭ ତାରିଖ କେଶ ନମ୍ବର ୧୫/୨୦୨୬ରେ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୫-୨୦୨୬ ଆର୍ଥିକ ବର୍ଷରେ କାହାକୁ ବି ଇଟା ପକାଇବାକୁ ଅନୁମତି ପ୍ରଦାନ କରାଯାଇ ନାହିଁ। ୨୭ ଜଣଙ୍କ ଠାରୁ ୪/୫ ହଜାର ଲେଖାଏଁ ଜରିମାନା ଆଦାୟ କରାଯାଇଛି। କିନ୍ତୁ ଜରିମାନା ଆଦାୟ କରି ପୁଣି ଇଟା ଭାଟି ପୋଡ଼ି ପରିବେଶ ପ୍ରଦୂଷଣ କରିବା ପାଇଁ ତହସିଲ ପ୍ରଶାସନ ପରୋକ୍ଷରେ ଅନୁମତି ଦେଉଛି। ଇଟା ପକାଇବାକୁ ଅନୁମତି ପ୍ରଦାନ କରାଯାଇ ନାହିଁ; କିନ୍ତୁ ଇଟାଭାଟି ପୋଡ଼ାଯିବା ଉପରେ ରୋକ ଲାଗୁନି। ସକ୍ରିୟ ମାଟି, ଇଟା ଆଉ ବାଲି ମାଫିଆଙ୍କ ଆଗରେ ନିଷ୍କ୍ରିୟ ଏଠି ପ୍ରଶାସନ। ଏଭଳି ଅଭିଯୋଗକୁ ରାଜସ୍ୱ ନିରୀକ୍ଷକ ଯେ କିଭଳି ଜାଣିପାରୁନାହାଁନ୍ତି ତାହା ଏବେ ପ୍ରଶ୍ନବାଚୀ। ସେହିପରି ଅରେଇ, ଗୁହାଳି, ଟିକ୍କଣା, ଗୁହାଳି, ଘଣ୍ଟିଆଳି ଆଦି ପଞ୍ଚାୟତରେ ପ୍ରତିଦିନ ମାଟି ବେପାର ଚାଲିଥିବା ବେଳେ ସୟଦପୁର ଆଉ ବିଞ୍ଝାରପୁର ନଦୀ ପଠା ହେଉ ଅବା ମଙ୍ଗିନ୍ଦା-ବିଞ୍ଝାରପୁର ମୁଖ୍ୟରାସ୍ତାରେ ଗଲେ ପୂରା ନଜରକୁ ଆସୁଛି ଇଟା ବ୍ୟବସାୟୀଙ୍କ ଇଟା ଭାଟିର ସାମ୍ରାଜ୍ୟ। ଏହା ସହ ସବୁଠୁ ଗୁରୁତର କଥା ହେଲା ସୟିଦପୁର ଅଞ୍ଚଳରେ ଥିବା ବିପଦପୂର୍ଣ୍ଣ ଇଣ୍ଡେନ୍ ଗ୍ୟାସ ଷ୍ଟକ୍ କେନ୍ଦ୍ର ନିକଟରେ ହୁହୁ ହୋଇ ଇଟା ଭାଟି ଜଳୁଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ଗ୍ୟାସ୍ ଷ୍ଟକ୍ କେଉଁ ନିକଟରେ ଇଟା ଭାଟି ଲଗାଇବା ପାଇଁ କେଉଁ ପ୍ରଶାସନ ମଞ୍ଜୁରୀ ପ୍ରଦାନ କରିଛି ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ବିଞ୍ଝାରପୁର ତହସିଲଦାର ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ଏହା ଉପରେ କେବେ ବ୍ରେକ ଲାଗୁଛି ତାକୁ ହିଁ ଅପେକ୍ଷା।

## ରାସ୍ତା ମରାମତି କାମ ନିମ୍ନମାନର
# ବିଡିଓଙ୍କୁ ଅଭିଯୋଗ

ବାସୁଦେବପୁର, ୩।୪(ସମିସ)



ବାସୁଦେବପୁର ବ୍ଲକ ଗୋପବନ୍ଧୁନଗର ପଞ୍ଚାୟତର ଗଦି ଗାଁ ମୁଦୁଲିସାହି ରାସ୍ତାର ମରାମତି ନାମରେ ନିମ୍ନମାନର କାମ ହୋଇଥିବା ଗ୍ରାମବାସୀ ବିଡିଓଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଯନ୍ତ୍ରୀମାନେ ବାସୁଦେବପୁରରେ ନରହି ସୁଦୂର ୩୫ କିଲୋମିଟର ଦୂରତା ଭଦ୍ରକରେ ରହି ଯାତାୟତ କରୁଛନ୍ତି। ଫିଲ୍ଡର ଅଛି ଦର୍ଶାଇ ଅଧିକାଂଶ ଦିନ ଭଦ୍ରକରେ ରହି ଯାଉଛନ୍ତି। ବାସ୍ତବ କ୍ଷେତ୍ରରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଯାଞ୍ଚ ନକରି କିମ୍ବା ପରିଦର୍ଶନ ନକରି ଅଧିକାଂଶ ସ୍ଥାନରେ ମୋଟା ଅଙ୍କର ପକେଟ ଗରମ କରି ବିଲ୍ କରିନେଉଥିବାର ଅଭିଯୋଗ ହେଉଛି। ଗୋପବନ୍ଧୁନଗର ପଞ୍ଚାୟତର ଗଦି ମୁଦୁଲି ସାହି ହନୁମାନ ମନ୍ଦିରଠାରୁ ରବି ପାଢୀ ଘର ପର୍ଯ୍ୟନ୍ତ ତିନୋଟି ଫଳକ ଲାଗିଛି। ପ୍ରତିଟି ଫଳକରେ ରାସ୍ତା ମରାମତି ନାମରେ ୧ ଲକ୍ଷ ୯୮ ହଜାର ଆର୍ଥିକ ଅନୁଦାନ ବ୍ୟୟ ଅଟକଳ କରାଯାଇଛି। ତିନୋଟି ପର୍ଯ୍ୟାୟରେ ପାଞ୍ଚ ଲକ୍ଷ ୯୪ ହଜାର ଖର୍ଚ୍ଚ ହେବ। ବିଭାଗୀୟ ଅଧିକାରୀଙ୍କ ରାସ୍ତାର ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ରାସ୍ତାର କଙ୍କ୍ରିଟ ଫାଟି ଆଁ କରିବା ସହିତ ଫଡା ଫଡା ହୋଇ ଉଠି ଯାଉଥିବାର ଗ୍ରାମବାସୀ ବିଡିଓଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ଦୃଷ୍ଟି ନଦେଲେ ରାସ୍ତା ଅବରୋଧ କରିବୁ ବୋଲି ଗ୍ରାମବାସୀ ଧମକ ଦେଇଛନ୍ତି।

## ନିମ୍ନମାନର ରାସ୍ତା କାମକୁ ବିରୋଧ



ଭଦ୍ରକ,୩।୪(ସମିସ): ଭଦ୍ରକ ବ୍ଲକ ସାହାଡ଼ା ପଞ୍ଚାୟତର ସାହାଡ଼ା ପଞ୍ଚାୟତ କାର୍ଯ୍ୟାଳୟରୁ ସଦାନନ୍ଦପୁର ଆରଡ଼ି ୨ ଅଧୀନ ରୋଡର ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଠିକାଦାରଙ୍କୁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏଥିରେ କର୍ଣ୍ଣପାତ ନକରିବାରୁ ବାଧ୍ୟ ହୋଇ ଗ୍ରାମବାସୀ ଏକତ୍ରିତ ହୋଇ ରାସ୍ତା କାର୍ଯ୍ୟକୁ ବନ୍ଦ କରିଛନ୍ତି। ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ପ୍ରାଇମରରେ ପାଣି ମିଶାଇ ଢ଼ାଳିବା, ନିମ୍ନମାନର ବଜରୀ ବ୍ୟବହାର କରାଯାଉଥିବାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏପରିକି କାର୍ଯ୍ୟ ସ୍ଥଳରେ କୌଣସି ଫଳକ ନଲାଗିବା, ଜେଇ ଠିକାଦାରଙ୍କ ଅନୁପସ୍ଥିତରେ କାର୍ଯ୍ୟକୁ ଗ୍ରାମବାସୀ ବିରୋଧ କରିବା ସହିତ କାର୍ଯ୍ୟ ବନ୍ଦ କରାଇଛନ୍ତି। ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀ ପହଞ୍ଚି କାର୍ଯ୍ୟ ତଦାରଖ ନକରିବା ପର୍ଯ୍ୟନ୍ତ କାମ ବନ୍ଦ ରହିବାର ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହାପରେ ଠିକାଦାରଙ୍କ ଦ୍ୱାରା ନିୟୋଜିତ ସୁପରଭାଜର ବିକ୍ରମ ମହାନ୍ତି ନିୟମାନୁଯାୟୀ ସଠିକ କାମ ହେବାର ପ୍ରତିଶ୍ରୁତି ଦେଇଛନ୍ତି। ତେବେ ନିମ୍ନମାନର କାର୍ଯ୍ୟ ବନ୍ଦ ନହେଲେ ଆନ୍ଦୋଳନ କରିବାକୁ ଗ୍ରାମବାସୀ କୈଳାସ ଜେନା, ସମିତିସଭ୍ୟଙ୍କ ପ୍ରତିନିଧି ଦୀପକ ଗୋଛୟତ ପ୍ରମୁଖ ଧମକ ଦେଇଛନ୍ତି।

## ପଲ୍ଲୀରୁ ଦିଲ୍ଲୀ
# ବାଲୁକା କଳାରେ କମାଲ କରୁଛନ୍ତି ଧାମନଗରର ଗୋପାଳ

ଅସୁରାଳି, ୩।୪(ସମିସ): କଳା କାହାରି ପାଖରେ ବନ୍ଧା ନୁହେଁ, ଏହାକୁ ପ୍ରମାଣ କରି ଦେଖାଇଛନ୍ତି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ସରେଇ ଚୁଡାକୁଟି ପଞ୍ଚାୟତ ସୋରିଷଡିହ ଗ୍ରାମର ଓଡ଼ିଆ ପୁଅ ଗୋପାଳ ସାମଲ। ଗାଁର ମାଟି ପାଣିରୁ ଆରମ୍ଭ ହୋଇଥିବା ତାଙ୍କର ଏହି କଳା ଯାତ୍ରା ଆଜି ଦେଶର ରାଜଧାନୀ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚି ପାରିଛି। ନିଜର ନିପୁଣ ହାତର ସ୍ପର୍ଶରେ ବାଲିରେ ଜୀବନ୍ତ ରୂପ ଦେଇ ସେ ଆଜି ସାରା ଓଡ଼ିଶା ତଥା ଦେଶ ବିଦେଶରେ ପ୍ରଶଂସିତ ହେଉଛନ୍ତି। ପିଲାଟି ଦିନରୁ ନିଜ ଜେଜେଙ୍କଠାରୁ ପ୍ରେରଣା ପାଇ ବାଲୁକା କଳା ପ୍ରତି ଆକୃଷ୍ଟ ହୋଇଥିଲେ ଗୋପାଳ। ସମୟକ୍ରମେ ସେ ନିଜର ନିଷ୍ଠା ଓ ପରିଶ୍ରମ ବଳରେ ବାଲୁକା ଚିତ୍ରକଳା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କେବଳ ବାଲୁକା କଳା ନୁହେଁ, ଚିତ୍ରକଳା ଏବଂ ବିଭିନ୍ନ ମହାପୁରୁଷ ତଥା ରାଜନେତାଙ୍କର ଜୀବନ୍ତ ପ୍ରତିମୂର୍ତ୍ତି ଗଢ଼ିବାରେ ମଧ୍ୟ ସେ ବେଶ ସିଦ୍ଧହସ୍ତ। ତାଙ୍କର ଏହି ଅସାଧାରଣ ପ୍ରତିଭା ପାଇଁ ସେ ଜାତୀୟ ସ୍ତରରେ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ଗୋପାଳଙ୍କ କହିବା ଅନୁଯାୟୀ, ଧାମନଗର ଭଳି ଅଞ୍ଚଳରେ ଅନେକ ପ୍ରତିଭାବାନ କଳାକାର ଅଛନ୍ତି; କିନ୍ତୁ ଉପଯୁକ୍ତ ଭିତ୍ତିଭୂମି ଓ ସରକାରୀ ପ୍ରୋତ୍ସାହନ ଅଭାବରୁ ଏହି କଳା ଆଗକୁ ବଢ଼ିବାରେ ବାଧା ସୃଷ୍ଟି ହେଉଛି। ଯଦି ସରକାରୀ ସ୍ତରରେ ସାହାଯ୍ୟ ଓ ସହଯୋଗ




ମିଳନ୍ତା, ତେବେ ବାଲୁକା କଳାକୁ ଏକ ବୃତ୍ତିଗତ ରୂପ ଦିଆଯାଇପାରନ୍ତା ଏବଂ ଅଞ୍ଚଳର ଅନେକ ଯୁବ କଳାକାର ଏଥିରୁ ଉପକୃତ ହୋଇପାରନ୍ତେ। ଗୋପାଳଙ୍କ ଏହି ସଫଳତା ପାଇଁ ସୋରିଷଡିହ ଗ୍ରାମ ସମେତ ସାରା ଧାମନଗର ବ୍ଲକରେ ଖୁସିର ଲହର ଖେଳିଯାଇଛି। ଜଣେ ଗ୍ରାମୀଣ କଳାକାର ଭାବେ ନିଜ ଅଞ୍ଚଳର ସଂସ୍କୃତି ଓ କଳାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ସେ କରୁଥିବା ପ୍ରୟାସକୁ ସବୁ ସ୍ତରରେ ସ୍ୱାଗତ କରାଯାଇଛି।

## ଜବାହରଲାଲ ନେହରୁ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ

ବାରିକପୁର,୩।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ ଜବାହରଲାଲ ନେହରୁ ପବ୍ଲିକ ସ୍କୁଲର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ ମୁଖ୍ୟଅତିଥି ଭାବେ ଉତ୍ସବକୁ ଉଦଘାଟନ କରି ବିଦ୍ୟା ଗ୍ରହଣ କେବଳ ଅର୍ଥ ଉପାର୍ଜନର ଲକ୍ଷ୍ୟ ନହେଉ ବୋଲି ମତବ୍ୟକ୍ତ କରିଥିଲ। ଶିକ୍ଷାବିତ ଗଦାଧର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡାକ୍ତର ନବୀନ ପରିଡା, ବରେଣ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ବର୍ଷୀୟାନ ଲେଖକ ନଟବର ରାଉଳ, ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ଧୀରେନ୍ଦ୍ର ଦାସ, ପ୍ରମିଳା ପରିଡା ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ସମ୍ପାଦକ କ୍ଷୀରୋଦ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟକ୍ଷା ମମତା ସାହୁ ବାର୍ଷିକ ବିବରଣୀ ପାଠ ଓ ସୋନି ଜୟସ୍ୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହାଛଡା କୃତୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ବିଦ୍ୟାର୍ଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଉତ୍ସବକୁ ସ୍ମୃତିପ୍ରଭା ପାତ୍ର, ସଂଯୁକ୍ତା ପ୍ରଧାନ, ରୋଜାଲିନ ପଣ୍ଡା, ସତ୍ୟଭାମା ନାୟକ, ସସ୍ମିତା ବେହେରା, ମନୀଷା କରଣ, କଲ୍ୟାଣୀ ସୁତାର ପରିଚାଳନା କରିଥିଲେ।

## ଚରମ୍ପା ବରିଷ୍ଠ ନାଗରିକ ସଂଘର ସ୍ୱନକ୍ଷତ୍ର ଉତ୍ସବ

ଭଦ୍ରକ, ୩।୪(ସମିସ): ଚରମ୍ପା ବରିଷ୍ଠ ନାଗରିକ ସଂଘର ସପ୍ତମ ସ୍ୱନକ୍ଷତ୍ର ତଥା ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟମ ବର୍ଷରେ ପଦାର୍ପଣ କରୁଥିବା ଅବସରରେ ଉତ୍କଳ ଦିବସର ସଂସ୍କୃତି ଓ ଐତିହ୍ୟକୁ ମନେ ପକାଇ ସଂଘର ସଭାପତି ଗଗନ ବିହାରୀ ରାଉତଙ୍କ ସଞ୍ଚାଳନରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ବନ୍ଦେ ଉତ୍କଳ ଜନନୀ ସମୂହ ଗାନ ପରେ ସାଧାରଣ ସମ୍ପାଦକ କୈଳାଶଚନ୍ଦ୍ର ମହାପାତ୍ର ବିବରଣୀ ପ୍ରଦାନ କରିଥିଲେ। କାଳନ୍ଦୀ ପାତ୍ର, ଦୟାନିଧି ପୁହାଣ ସୂଚନା ପ୍ରଦାନ କରିଥିଲେ। ଭଦ୍ରକ ବିଡ଼ିଓ ଓ ଏରେଇ ସରପଞ୍ଚଙ୍କ ସହାୟତାରେ ଚରମ୍ପା ବରିଷ୍ଠ ନାଗରିକ ସଂଘ ପାଇଁ କମ୍ୟୁନିଟି ସେଣ୍ଟର ପାଇଁ ଆର୍ôଥକ ଅନୁଦାନ ମଞ୍ଜୁର ହୋଇଥିବାରୁ ସ୍ୱାଗତ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଂଘର କର୍ମକର୍ତ୍ତା ବିଧାୟକ ଓ ଭଦ୍ରକ ସାଂସଦଙ୍କୁ ନିମନ୍ତ୍ରଣ କରି ଭୂମିପୂଜନ ସହ ଗୃହ ନିର୍ମାଣ କରିବାକୁ ଅନୁରୋଧ କରିବେ। କୋଷାଧ୍ୟକ୍ଷ ସୁଦର୍ଶନ ବିଶ୍ୱାଳ ସଂଘୀୟ କାର୍ଯ୍ୟର ଖର୍ଚ୍ଚ ବିବରଣୀ ପ୍ରଦାନ କରିଥିବା ବେଳେ ମୁରଲୀ ଅଗ୍ରୱାଲା, ବିଜୟ ସେନାପତି, ଅରୁଣ ଲଖାନୀ, ସୁନୀଲ ବେହେରା, ଭାଗିରଥି ବେହେରା, କାର୍ଯ୍ୟକାରୀ ସଭାପତି ପଦ୍ମଲୋଚନ ମହାଲିକ, ନରସିଂହ ମିଶ୍ର, ରତ୍ନାକର ମଲ୍ଲିକ, ପୀତବାସ ଜେନା, ଗୋବିନ୍ଦ ପରିଡା, ଜଗବନ୍ଧୁ ମହାନ୍ତି, ଗଣେଷ ମହାପାତ୍ର, ଅଭିମନ୍ୟୁ ବେହେରା, ରଙ୍ଗାଧର ମଲ୍ଲିକ, କଳାକାର ମିଶ୍ର, ପ୍ରାଣବନ୍ଧୁ ସାମନ୍ତ, ଆନନ୍ଦ ପାଣିଗ୍ରାହୀ, ସଞ୍ଜୟ ତ୍ରିପାଠୀ, ସୁନନ୍ଦ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ସାହୁ, ବିଶ୍ୱନାଥ ବେହେରା, ସୁରେନ୍ଦ୍ର ମଲ୍ଲିକ, ନରେନ୍ଦ୍ର ପଟ୍ଟନାୟକ ଉତ୍କଳ ଦିବସର ମହାତ୍ମ୍ୟ ଉପରେ ଆଲୋଚନା କରିଥିଲେ।

## ପ୍ରକଳ୍ପ ସ୍ଥାନାନ୍ତରକୁ ନେଇ ଅସନ୍ତୋଷ

ବାରିକପୁର, ୩।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ ନାଆମୀ ପଞ୍ଚାୟତ ସୋଲାପୁର ଗ୍ରାମରେ ଅନୁମୋଦିତ ପ୍ରକଳ୍ପକୁ ସ୍ଥାନାନ୍ତରିତ କରାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମର ମୁହୁରିଆ ସାହିଠାରେ ଏକ ଚିତ୍ତବିନୋଦନ କେନ୍ଦ୍ର ନିର୍ମାଣ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୩ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ବିଭାଗୀୟ ଅଧିକାରୀ ରାଜନୈତିକ ଚାପରେ ବଶବର୍ତ୍ତୀ ହୋଇ ଉକ୍ତ ନିର୍ମାଣ କାର୍ଯ୍ୟଟିକୁ ଶଙ୍ଖୁଳା ଗ୍ରାମକୁ ସ୍ଥାନାନ୍ତରିତ କରିଛନ୍ତି। ସେଠାରେ ଫଳକ ନିର୍ମାଣ ପରେ କାମ ଆରମ୍ଭ ହେବାରୁ ସୋଲାପୁରବାସୀ ଏହା ଜାଣି କାମ ତଦାରଖ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ପଚାରିବାରୁ ସେ ଏବିଷୟରେ କିଛି ଜାଣିନଥିବା କଥା ଗ୍ରାମବାସୀଙ୍କୁ କହିଛନ୍ତି। ଏନେଇ ଅସନ୍ତୋଷ ପ୍ରକାଶ କରି ଗ୍ରାମବାସୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆଗାମୀ ଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇବେ ବୋଲି ଗ୍ରାମର ଶିଶିର ଦାସ, ଚକ୍ରଧର ଦାସ, ତପନ କୁମାର ଦାସ, ନିରଞ୍ଜନ ବେହେରା, କେଦାର ମହାରଣା, ମହେଶ୍ୱର ଜେନା, ସୁବାଷ ବେହେରା, ଯୁଧିଷ୍ଠିର ପଲାଇ ପ୍ରମୁଖ କହିଛନ୍ତି।

## ଗୋପୀନାଥଜୀଉ ବରିଷ୍ଠ ନାଗରିକ ସଂଘର ବାର୍ତ୍ତା
# 'ମୁଁ ବରିଷ୍ଠ ହେଲେ ବି ଏକା ନୁହେଁ' ଆଲୋଚନାଚକ୍ର





ତିହିଡି, ୩।୪(ସମିସ): ତିହିଡି ବ୍ଲକ ଅନ୍ତର୍ଗତ ତାଳପଦାସ୍ଥିତ କନ୍ତକବିଙ୍କ ସ୍ମୃତି ମନ୍ଦିରରେ ତାଳପଦା, କୁବେରା ଓ ଗୁଆମାଳ ପଞ୍ଚାୟତର ନବଗଠିତ ଗୋପୀନାଥଜୀଉ ବରିଷ୍ଠ ନାଗରିକଙ୍କ ବୈଠକ ତିହିଡି ବ୍ଲକ ସଭାପତି ସୋମନାଥ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଁ ବରିଷ୍ଠ ହେଲେବି ଏକା ନୁହେ ଶିରୋନାମାରେ ଏକ ଆଲୋଚନାଚକ୍ରରେ ବ୍ଲକ, ଜିଲ୍ଲା, ରାଜ୍ୟ ଓ ଦେଶ ପର୍ଯ୍ୟନ୍ତ ବରିଷ୍ଠଙ୍କ ସହଯୋଗ ନିରନ୍ତର ରହିଛି ବୋଲି ସମ୍ପାଦକ ବିଭୂତି ଭୁଷଣ ସେନାପତି, କୋର୍ଡିନେଟର ସୁରେନ୍ଦ୍ର ନାୟକ, କାର୍ଯକାରୀ ସଭାପତି ଧନେଶ୍ୱର୍ ବିଶ୍ୱାଳ, କୋଷାଧ୍ୟକ୍ଷ କୃତିବାସ ଜେନା ଜୋନ ସମ୍ପାଦକ ହୃଷୀକେଶ ପଣ୍ଡା, ବିଷ୍ଣୁ ସାହୁ ବକ୍ତବ୍ୟ ରଖିଥିଲେ। ସର୍ବସମ୍ମତିକ୍ରମେ ନାରାୟଣ ମହାନ୍ତି, ଗୌରହରି ଜେନା, ରବିନାରାୟଣ ପାଢ଼ୀ, କାହ୍ନୁଚରଣ ମହାନ୍ତି, ଗଜେନ୍ଦ୍ର ବାରିକ ଓ ମୁରଲୀଧର ଦାସ ସଭାପତି, କାର୍ଯକାରୀ ସଭାପତି, ଉପସଭାପତି, ସମ୍ପାଦକ, ସହସମ୍ପାଦକ ଓ କୋଷଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ଜଗବନ୍ଧୁ ମହାନ୍ତି, ଗୌରୀରାଣୀ ଜେନା, କରୁଣାକର ସେଠୀ, ନାରାୟଣ ବାରିକ, ବିଷ୍ଣୁମୋହନ ବେହେରା, ଅର୍ଜୁନ ବେହେରା, ଲମ୍ବୋଦର ବାରିକ, ଗଜେନ୍ଦ୍ର ବାରିକ, କୃଷ୍ଣଚନ୍ଦ୍ର ଦାସ, ରଘୁନାଥ ଦାସ, ଦୀନବନ୍ଧୁ ମିଶ୍ର ପ୍ରମୁଖ ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଖଗେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାନ୍ଦବାଲି ସୋଫିଆ ଇଂରାଜୀ ସ୍କୁଲର ବାର୍ଷିକ ଉତ୍ସବ

ଭଦ୍ରକ,୩।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସୋଫିଆ ଇଂ ମିଡିୟମ ସ୍କୁଲରେ ୨୨ତମ ବାର୍ଷିକ ଉତ୍ସବ ମା' କାଳୀଙ୍କ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ସମ୍ମାନିତ ଅତିଥି ଭାବେ ଚାନ୍ଦବାଲି ବିଡ଼ିଓ ସଂଜୀବ




ମହାପାତ୍ର, ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜନ ଦାସ, ଦାଶରଥୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ପରିବେଷଣ କରାଯାଇଥିଲା। ସ୍କୁଲର ବାର୍ଷିକ ପତ୍ରିକା ଡେଜିନିଙ୍ଗ ଷ୍ଟାରକୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଉନ୍ମୋଚନ କରିଥିଲେ।

## ଶ୍ରୀୟାଂଶୁ ଫାଉଣ୍ଡେସନ ପକ୍ଷରୁ ନିଃଶୁଳ୍କ ଶିକ୍ଷାଦାନ ଶିବିର

ଅସୁରାଳି, ୩।୪(ସମିସ): ଗ୍ରାମାଞ୍ଚଳର ମେଧାବୀ ତଥା ଆର୍ôଥକ ଅନଗ୍ରସର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ଲକ୍ଷ୍ୟରେ 'ଶ୍ରୀୟାଂଶୁ ଫାଉଣ୍ଡେସନ' ପକ୍ଷରୁ ନିଃଶୁଳ୍କ ଶିକ୍ଷା ସେବା କାର୍ଯ୍ୟକ୍ରମ ଆନୁଷ୍ଠାନିକ



ଭାବେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ଉଦଘାଟନୀ ଦିବସରେ ସମାଜସେବୀ ଚତୁର୍ଭୁଜ ନାୟକ, ଶିକ୍ଷାବିତ୍ ହେମନ୍ତ ସୂତାର, ଅନୁଷ୍ଠାନର ମୁଖ୍ୟ ପ୍ରଭାତ ପଣ୍ଡା, ଗଣେଶ ସୂତାର, ପୂର୍ଣ୍ଣଚନ୍ଦ୍ର ନାୟକ, ଧୀରେନ୍ଦ୍ର ପତି ଏବଂ ସାମ୍ବାଦିକ ରତିକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନରେ ଧୁଷୁରୀ, ଭଣ୍ଡାରିପଡ଼ା, ବ୍ରାହ୍ମଣପାଳ, ନଦୀଗାଁ ଏବଂ ପତ୍ରିସାହି ଆଦି ବିଭିନ୍ନ ଗ୍ରାମରୁ ୧୫ରୁ ଅଧିକ ଛାତ୍ରଛାତ୍ରୀ ଏହି ଶିକ୍ଷାଦାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଶେଷକରି ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ପିଲାମାନଙ୍କୁ ଶିକ୍ଷା କ୍ଷେତ୍ରରେ ଥିବା ପ୍ରତିବନ୍ଧକ ଦୂର କରି ସେମାନଙ୍କୁ ସକ୍ଷମ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଶ୍ରୀୟାଂଶୁ ଫାଉଣ୍ଡେସନର ଏହି ନିସ୍ୱାର୍ଥପର ସେବା ଅଞ୍ଚଳରେ ଏକ ନୂତନ ଆଶାର ସଞ୍ଚାର କରିଥିବା ବେଳେ ସ୍ଥାନୀୟ ଅଭିଭାବକ ମହଲରେ ସ୍ୱାଗତ କରାଯାଇଛି।

## ଧାମନଗର ଓକିଲ ସଂଘ ନବନିର୍ବାଚିତ ପ୍ରତିନିଧିଙ୍କ ଶପଥ




ଧାମନଗର,୩।୪(ସମିସ): ଧାମନଗର ଓକିଲ ସଂଘର ନବନିର୍ବାଚିତ ପ୍ରତିନିଧିଙ୍କ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଧାମନଗର କୋର୍ଟ ପରିସରରେ ଥିବା ଓକିଲ ସଂଘ ସଭାଗୃହରେ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଆଇନଜୀବୀ ଅମରେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନିର୍ବାଚନ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ଆଇନଜୀବୀ ନିରାକାର ଜେନା ଚତୁର୍ଥ ଥର ପାଇଁ ନିର୍ବାଚିତ ସଭାପତି ଅଶୋକ କୁମାର ଦାସ ଓ ଦ୍ୱିତୀୟ ଥର ପାଇଁ ସାଧାରଣ ସମ୍ପାଦକ ରଣଜିତ ମହାନ୍ତିଙ୍କ ସହ କୋଷାଧ୍ୟକ୍ଷ ପର୍ଶୁରାମ ମହାପାତ୍ର, ଉପସଭାପତି ବିଜୟ କୁମାର ରାମ, ସହସମ୍ପାଦିକା ମିନତୀ ମଲ୍ଲିକ, କାର୍ଯକାରୀ ସଭ୍ୟ ମନୋଜ କୁମାର ଗୁପ୍ତା ଓ ବିକ୍ରମ ପଣ୍ଡାଙ୍କ ସମେତ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଧାମନଗର କୋର୍ଟ ଙ୍ଗରିସରରେ ବରିଷ୍ଠ ଦେୱାନୀ ଅଦାଲତ ଖୋଲିବା ପାଇଁ ସରକାର ଘୋଷଣା କରିସାରିଥିବାବେଳେ ଏଠାରେ ଅତିରିକ୍ତ ଜିଲ୍ଲା କ୍ୱୌରାଜଜ କୋର୍ଟ ଖୋଲିବା ପାଇଁ ପ୍ରୟାସ ଜାରିରହିବ ବୋଲି ସଭାପତି ଶ୍ରୀ ଦାସ କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ହାଇକୋର୍ଟ ଆଇନଜୀବୀ ଦେବାଶିଷ ସାମଲ, ରାମଚନ୍ଦ୍ର ରାଉତ ଏବଂ ପୂର୍ବତନ ସାଧାରଣ ସମ୍ପାଦକ ଅମରେନ୍ଦ୍ର ମହାନ୍ତିଙ୍କୁ ଓକିଲ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଓକିଲ ସଂଘର ସମସ୍ତ ସଭ୍ୟ/ ସଭ୍ୟା ଓ କୋର୍ଟର କର୍ମଚାରୀ, ମୋହରିର ଏବଂ ଖବରଦାତା ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନ ପକ୍ଷରୁ ଦହିପଖାଳ ପରିବେଷଣ କରାଯାଇଥିଲା।

## ବୈଦିକ ଯଜ୍ଞ ଓ ସତସଙ୍ଗ ସମିତିର ବାର୍ଷିକ ଉତ୍ସବ



ଦୋବଲ, ୩।୪(ସମିସ): ଧାମନଗର ବ୍ଲକ ଦୋବଲସ୍ଥିତ ବୈଦିକ ଯଜ୍ଞ ଓ ସତସଙ୍ଗ ସମିତିର ୩୯ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସକାଳେ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ ଓମ୍‌ଧ୍ୱଜା ଉତ୍ତୋଳନ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆୟୋଜିତ ବେଦପରାୟଣ ଯଜ୍ଞରେ ପଣ୍ଡିତ ନକୁଳଦେବ ଶାସ୍ତ୍ରୀ ଓ ସୁଧାକର ଶାସ୍ତ୍ରୀ ପରିଚାଳନା କରିଥିବା ବେଳେ ସୁଶାନ୍ତ କୁମାର ସାହୁ ଓ ଗାୟତ୍ରୀ ସାହୁ ଯଜମାନ ଭାବେ ଯୋଗଦେଇଥିଲେ। ସନ୍ଧ୍ୟାରେ ପ୍ରାଥନା ଓ ବୈଦିକ ଭଜନ ପରିବେଷଣ ହୋଇଥିଲା। ପରେ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ପଣ୍ଡିତ ବିରେନ୍ଦ୍ର ପଣ୍ଡା, ସ୍ୱାମୀ ଦେବାନନ୍ଦ ସରସ୍ୱତୀ, ପଣ୍ଡିତ ଜଗବନ୍ଧୁ ଶାସ୍ତ୍ରୀ ଓ ପଣ୍ଡିତ ବ୍ରଜବନ୍ଧୁ ଆର୍ଯ୍ୟ ପ୍ରମୁଖ ପ୍ରବଚକ ଦେଇଥିଲେ। ତିନି ଦିନ ଧରି ଏହି ଉତ୍ସବ କାର୍ଯ୍ୟକ୍ରମରେ ଦୈନିକ ଦେବପରାୟଣ ଯଜ୍ଞ, ଭଜନ ଓ ପ୍ରବଚକ ହୋଇଥିଲା। ସମିତିର ସଭାପତି କୃତିବାସ ତ୍ରିପାଠୀ, ସମ୍ପାଦକ ପ୍ରମୋଦ ନାୟକ, ପ୍ରଭାତ ସାମଲ, ଘନଶ୍ୟାମ ଥାଟୋଇ, ପ୍ରିୟରଞ୍ଜନ ସାମଲ, କମଳାକାନ୍ତ ଦାସ, ଜ୍ଞାନରଞ୍ଜନ କର, ରାହାସ ବିହାରି ମହାନ୍ତି, ହୃଦାନନ୍ଦ କର, ପ୍ରଶାନ୍ତ ସାହୁ, ରଣଜିତ୍ ମହାନ୍ତି, ଶରତ ଶଙ୍ଖୁଆ, ଜ୍ଞାନେନ୍ଦ୍ର ସାହୁ, ଅନିଲ ସାମଲ, ନାରାୟଣ ସାହାଣୀ, ବିଷ୍ଣୁଚରଣ ଦାଶ, ଘନଶ୍ୟାମ ଜେନା, ପଞ୍ଚାନନ ନାୟକ ପରିଚାଳନା କରିଥିବା ବେଳେ ସନ୍ଧ୍ୟାରେ ସହସ୍ରାଧିକ ଶ୍ରଦ୍ଧାଳୁ ସମବେତ ହୋଇଥିଲେ।

## ଜୟ କିଷାନ ନୋଡାଲ ହାଇସ୍କୁଲରେ ଉତ୍କଳ ଦିବସ

ଧାମନଗର,୩।୪(ସମିସ): ଧାମନଗର ବ୍ଲକ ଜୟକିଷାନ ନୋଡାଲ ହାଇସ୍କୁଲରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଓଡିଶାର ବରପୁତ୍ର ମାନଙ୍କର ଭୂମିକା ସମ୍ବନ୍ଧରେ ବିଦ୍ୟାଳୟର ଶିକ୍ଷକମାନେ ବକ୍ତବ୍ୟ ରଖିଥିବା ବେଳେ ଉତ୍କଳ ଦିବସ ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଭଦ୍ରକ ମାଟିର ଗର୍ବ ଗୌରବ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ବିଦ୍ୟାଳୟର ବିରିଷ୍ଠ ଶିକ୍ଷକ ନିରଦ ନାୟକଙ୍କ ନେତୃତ୍ୱରେ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ସାମୁହିକ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ ଦୁଆରୀ, ରାମସିଂ ଟୁଡୁ, ବିଜୟ ଗୋଛାୟତ, କମ୍ପନାଥ ବେହେରା ଶିକ୍ଷୟିତ୍ରୀ ପ୍ରେମଲତା ଦାସ, ଜ୍ୟୋସ୍ନାରାଣୀ ନାୟକ, ଭାଗ୍ୟଶ୍ରୀ ପଡିହାରୀ ପ୍ରମୁଖ ଆୟୋଜନ କରିଥିଲେ।

## ଓଡ଼ିଆ ପକ୍ଷ ଓ ଉତ୍କଳ ଦିବସ

ବନ୍ତ/ଆଗରପଡ଼ା,୩।୪(ସମିସ): ବନ୍ତ ବ୍ଲକ ଗଣିଜାଙ୍ଗ ପଂଚାୟତ କନ୍ତିଆସ୍ଥିତ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଶଙ୍କର୍ଷଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧାପକ ସୁବାସଚନ୍ଦ୍ର ନାୟକ, ଚନ୍ଦ୍ରକାନ୍ତ ବେହେରା, ମନୋଜ ରାଉତ, ସୁଶାନ୍ତ ବେହେରା, ଅଧାପିକା ଡ଼ା. ଦେବଯାନୀ ପଣ୍ଡା, ସସ୍ମିତା ରାଉତ୍ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ଓ ଅଣଶିକ୍ଷକକର୍ମଚାରୀ ଶଙ୍କର୍ଷଣ ରାଉତ୍, ଉତ୍ତମ ବିଶ୍ୱାଳ ମତ ରଖିଥିଲେ। ସେହିପରି ମହାବିଦ୍ୟାଳୟରେ ଉତ୍କଳ ଦିବସ ମଧ୍ୟ ପାଳନ କରାଯାଇଥିଲା। ଅଧ୍ୟକ୍ଷ ଶଙ୍କର୍ଷଣ ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ଶୁଭଶ୍ରୀ ଜେନା, ପ୍ରଜ୍ଞାପରମିତା ଜେନା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ।

## ବଳଭଦ୍ର ଦେବ ମନ୍ଦିରର ବାର୍ଷିକ ଉତ୍ସବ

ବନ୍ତ/ଆଗରପଡ଼ା,୩।୪(ସମିସ): ବନ୍ତ ବ୍ଲକ ଗଣିଜାଙ୍ଗ ପଂଚାୟତ ଗଣିଜାଙ୍ଗ ଶାସନରେ ବଳଭଦ୍ର ଦେବ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନିକଟସ୍ଥ ମହାଦେବ ପୁଷ୍କରିଣୀରୁ ୫ଟି କଳସ ଘଟୋତ୍ତଳନ କରାଯାଇ ଗ୍ରାମ ପରିକ୍ରମା ପରେ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ପୂଜକ ରାମଚନ୍ଦ୍ର ପାଣିଗ୍ରାହୀ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତା ଜଗନ୍ନାଥ ପତି, ପଦ୍ମାଳୟା ପତି, ରବୀନ୍ଦ୍ର ପତି, ଛବି ରାଣୀ ଦେବୀ ପ୍ରମୁଖ ପୂଜା କାର୍ଯ୍ୟରେ ବସିଥିଲେ। ଗଣିଜାଙ୍ଗ ଶାସନର ଚିନ୍ତାମଣି ପଣ୍ଡା, ଗୋବିନ୍ଦ ମିଶ୍ର, ଅର୍ଜୁନ ନନ୍ଦ, ପ୍ରଶାନ୍ତ ମିଶ୍ର, ଜିତେନ୍ଦ୍ର ମିଶ୍ର, ରତ୍ନାକର ନନ୍ଦ, ମନୋଜ ପଣ୍ଡା, ପଦ୍ମନାଭ ପତି, ବିଷ୍ଣୁମୋହନ ପତି ସମେତ ସମସ୍ତ ବଳଭଦ୍ରଙ୍କ ଭକ୍ତ ସହଯୋଗ କରିଥିଲେ।

# ଟାଇକ୍ୱୋଣ୍ଡୋ ଆସୋସିଏସନ ଅଫ ଭଦ୍ରକର ବାର୍ଷିକ ପରୀକ୍ଷା

ଭଦ୍ରକ,୩।୪(ସମିସ)



ଟାଇକ୍ୱୋଣ୍ଡୋ ଆସୋସିଏସନ ଅଫ ଭଦ୍ରକର ବାର୍ଷିକ କଲର ବେଲ୍ଟ ପରୀକ୍ଷା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ମେଘା କଲ୍ୟାଣ ମଣ୍ଡପ, ଚରମ୍ପାଠାରେ ଅନୁଷ୍ଠିତ ହୋଇଯାଇଛି। ତାଓର ସଭାପତି ରବିନାରାୟଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପରୀକ୍ଷାରେ ଚରମ୍ପା ପ୍ରଶିକ୍ଷଣ ଶିବିର, ବାଇପାସ ପ୍ରଶିକ୍ଷଣ ଶିବିର, କଦମବେଡା, ବନ୍ତଛକ, ତିହିଡି, ଚାନ୍ଦବାଲି, ଦୋଳସାହି ପ୍ରଶିକ୍ଷଣ ଶିବିର ତଥା କାର୍ମେଲ, ଜ୍ୟୋତି କନଭେଣ୍ଟ, ସେଣ୍ଟ ଜାଭିୟର, ହାପିହୋମ ସ୍କୁଲର ୨୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥି। ସେଥିରୁ ୧୭୧ ଜଣ ଉତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଟାଇକ୍ୱୋଣ୍ଡୋ ଏକାଡେମୀ ଅଫ ଇଣ୍ଡିଆ, ଲକ୍ଷ୍ନୌ ତରଫରୁ ପ୍ରଦାନ କରାଯାଇଥିଲା। ଓଡିଶା ଟାଇକ୍ୱୋଣ୍ଡୋ ଆସୋସିଏସନର ରାଜ୍ୟ ସମ୍ପାଦକ ତଥା ବ୍ଲାକ ବେଲ୍ଟ ଫାଇବ ଡାନ, ଇଣ୍ଟରନେସନାଲ ମାଷ୍ଟର ରବିନାରାୟଣ ପାଣିଗ୍ରାହୀ ଟ୍ରେନିଂ ପରିଚାଳନା କରିଥିଲେ। ତାରିଣୀ ସାହୁ, ଧନେଶ୍ୱର ଜେନା, ହରିହର ବାରିକ, ନୟାଗଡ ଟାଇକୋଣ୍ଡୋ ଆସୋସିଏସନ ସମ୍ପାଦକ ରୀତିକ ମହାପାତ୍ର, ଢେଙ୍କାନାଳ ଟାଇକୋଣ୍ଡୋ ଆସୋସିଏସନର ସମ୍ପାଦକ ସୁଧାକର ଜେନା, ବାଲେଶ୍ୱର କୋଚ ପଦ୍ମଲୋଚନ ସିଂ ସହଯୋଗ କରିଥିଲେ। ଏଥିରେ ଏଣ୍ଡୁରାନ୍ସ, ଇଲାଷ୍ଟିସିଟି, ଏକ୍ସରସାଇଜ, ଖେରୋଗୀ, ପୁମସେ ଟ୍ରେନିଂ ପ୍ରଦାନ କରାଯାଇଥିଲା। ଭଦ୍ରକ ଜିଲ୍ଲାରେ ପାଞ୍ଚ ଜଣ ଶ୍ରେୟା ପଣ୍ଡା, ଉପମନ୍ୟୁ ନାୟକ, ପ୍ରହ୍ଲାଦ ଦାଶ, ସତ୍ୟସୁନ୍ଦର ପାଣିଗ୍ରାହୀ, ରୁଦ୍ରାଂଶୁ ଭୋଇଙ୍କୁ ଶ୍ରୀ ପାଣିଗ୍ରାହୀ ଦକ୍ଷିଣ କୋରିଆରୁ ଆସିଥିବା ବ୍ଲାକ ବେଲ୍ଟର ପ୍ରଥମ ଡାନ ପ୍ରଦାନ କରିଥିଲେ। ଉତ୍ସବରେ ଅତିଥି ଅଧିବକ୍ତା ଜତିକାନ୍ତ ନାୟକ, ଅଧିବକ୍ତା ତଥା ଟାଇକୋଣ୍ଡିଆନ ପବନ ଶର୍ମା, ବଲାୟନସ କ୍ଲବ ଗଭାର୍ନର ଅଶୋକ ମହାନ୍ତି, ଡ଼.ନିଶାନ୍ତ ଦାଶ, ସମାଜସେବୀ ସୀତାକାନ୍ତ ଦାସ, ଇଂ ପ୍ରୟାସକାନ୍ତି ଦାସ, ଇଂ ଅନୁପମ ଜେନା, ଜ୍ୟୋତି କନଭେଣ୍ଟ ସ୍କୁଲର ଅଧ୍ୟକ୍ଷ ଫାଦର ଆଲେକ୍ସ, ସବୁଜ କ୍ଲବ୍ ସମ୍ପାଦକ ଅଜୟ ଧଳ, ସମାଜସେବୀ ବିଦ୍ୟାଧର ବାରିକ, ବିଶିଷ୍ଟ ବ୍ୟବସାୟୀ ବିଜୟ ଲଖାନୀ, ହରିହର ବେହେରା, ତାଓ ଉପସଭାପତି ରମେଶ ପ୍ରଧାନ ଯୋଗ ଦେଇଥିଲେ। ଅଧାପିକା ସଂଘମିତ୍ରା ଦାଶ, ଯୋଗଗୁରୁ ସୁରେଶ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ତାଓ ସମ୍ପାଦକ ଧନେଶ୍ୱର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ଅଟୋକୁ ପିଟିଲା ଥାର୍; ଶିଶୁ ମୃତ, ୫ ଗୁରୁତର





ବାଲେଶ୍ୱର, ୩।୪ (ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥରେ ଅଟୋକୁ ଏକ ମହିନ୍ଦ୍ରା ଥାର ଧକ୍କା ଦେବା ଫଳରେ ଏକ ଶିଶୁ ମୃତ୍ୟୁବରଣ କରିଥିବାବେଳେ ୫ଜଣ ଗୁରୁତର ହୋଇଛନ୍ତି। ସୋରରୁ ବାଲେଶ୍ୱର ଅଭିମୁଖେ ଏକ ଅଟୋ ଯାଉଥିବା ବେଳେ ପଛପଟୁ ଆସୁଥିବା ଏକ ଥାର ଗାଡି ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଏକ ଦେଢ଼ ବର୍ଷର କୁନି ଝିଅର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୫ଜଣ ଗୁରୁତର ଥିବା ଜଣାପଡିଛି। ଖନ୍ତାପଡ଼ା ଥାନା ଚକଜଗନ୍ନାଥପୁର ପଞ୍ଚାୟତ ରାଜେନ୍ଦ୍ର ମହାଳିକଙ୍କ ପତ୍ନୀ ଆଶ୍ରିତା ମହାଳିକ, ବଡ଼ଝିଅ ଶ୍ରୃତି ମହାଳିକ, ସାନଝିଅ ସ୍ମୃତି ମହାଳିକ, ଆଶ୍ରିତାଙ୍କ ଯାଆ ସୁମିତ୍ରା ମହାଳିକ, ସହଯୋଗୀ ବାସନ୍ତୀ ପ୍ରାଧନଙ୍କ ସହିତ ଅଟୋ ଡ୍ରାଇଭର ସପନ କୁମାର ରାଉଳ ଅଟୋ ଯୋଗେ ସୋରରୁ ଚକଜଗନ୍ନାଥପୁରକୁ ଫେରୁଥିଲେ। ଖନ୍ତାପଡ଼ା ବଜାର ନିକଟବର୍ତ୍ତୀ ଖୁସି ହୋଟେଲ ପୂର୍ବରୁ ପଛପଟୁ ଆସୁଥିବା ମହିନ୍ଦ୍ରା ଥାର ଆସି ଅଟୋକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣା ସ୍ଥଳରେ ସମସ୍ତ ପରିବାର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜାତୀୟ ରାଜପଥରେ ଛିଟିକି ପଡି ଥିଲେ। ସ୍ଥାନୀୟ ଲୋକେ ଅଟୋରେ ଥିବା ସମସ୍ତଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା ସେଠାରେ ଡାକ୍ତର କୁନି ଝିଅ ସ୍ମୃତି ମହାଳିକ(ଦେଢ଼ ବର୍ଷ) କୁ ମୃତ ଘୋଷଣା କରିଥିଲେ। ସୁମିତ୍ରା ମହାଳିକଙ୍କ ସହିତ ଅନ୍ୟମାନେ ଗୁରୁତର ହୋଇ ମେଡିକାଲରେ ଚିକିତ୍ସାଧୀନ ରହିଥିବା ଜଣା ପଡ଼ିଛି। ଅନ୍ୟପଟେ ଘଟଣା ସ୍ଥଳରେ ଖନ୍ତାପଡ଼ା ପୁଲିସ ପହଞ୍ଚି ଏକ ମାମଲା ରୁଜୁକରିବା ସହିତ ଥାର ଗାଡିରେ ଥିବା ରୋହିତ ରଞ୍ଜନ ପାତ୍ର ଓ ଅନ୍ୟଜଣେ ସହଯୋଗୀଙ୍କୁ ଅଟକ ରଖି ଅଧିକ ପଚରା ଉଚରା କରିବା ସହିତ ଦୁଇଟି ଗାଡିକୁ ଅଟକ ରଖି ଖନ୍ତାପଡ଼ା ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ପ୍ରସିଦ୍ଧ ଚନ୍ଦନେଶ୍ୱର ଚଡ଼କ ପର୍ବର ଶୁଭାରମ୍ଭ

# ପଡ଼ା ବାଉଁଶ ଛେଦନ; ୧୧ତମ ଅର୍ଘ୍ୟ ସମ୍ପନ୍ନ

ଚନ୍ଦନେଶ୍ୱର, ୩।୪ (ସମିସ)



ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ପୂର୍ବଭାରତର ପ୍ରସିଦ୍ଧ ଚନ୍ଦନେଶ୍ୱର ଜିଉଙ୍କର ବିଶ୍ୱ ପ୍ରସିଦ୍ଧ ଚଡ଼କ ପର୍ବର ଶୁଭାରମ୍ଭ ହୋଇ ୧୧ ତମ ଅର୍ଘ୍ୟ ଆଜି ଯଥାରୀତି ସମ୍ପନ୍ନ ହୋଇଛି। ଏହି ପର୍ବ ଦୀର୍ଘ ୧୧ ଦିନ ଧରି ଅନୁଷ୍ଠିତ ହେବ। ଶ୍ରୀଜୀଉଙ୍କ କୌଳିକ ପରମ୍ପରା ଓ ପ୍ରଥା ଅନୁଯାୟୀ ଚୈତ୍ର ମାସର ୧୯ ଦିନ ଏପ୍ରିଲ ମାସର ୩ ତାରିଖ ଶୁକ୍ରବାର ଚଡ଼କ ଆରମ୍ଭ ହୋଇଅଛି। ଆଜି ଭୋର ୪ଟା ସମୟରେ ରୁଦ୍ରାଭିଷେକ ସକାଳେ ମନ୍ଦିରର ଦ୍ୱାରଫିଟା ନୀତି ଅନୁଷ୍ଠିତ ହେବା ପରେ ଦ୍ୱାରପାଳ ପୂଜା, ନନ୍ଦି ପୂଜା, ମଧ୍ୟାହ୍ନରେ ଅଭିଷେକ, ପୂର୍ଣ୍ଣାହୁତି ଓ ସମସ୍ତ ନୀତିକାନ୍ତି ଶେଷ ପରେ ଅପରାହ୍ନରେ ଚଳିତ ବର୍ଷର ଚଡ଼କ ମେଳା ପାଇଁ ମୌରସି ତପନ କୁମାର ପଣ୍ଡା ଓ ଉପ ମୌରସୀ ବୁଦ୍ଧଦେବ ପଣ୍ଡା ଆଜ୍ଞାମାଳ ଆଣିବା ପରେ ପାଟ ଭକ୍ତ ହରିଶ୍ଚନ୍ଦ୍ର ସାହୁ ଓ ଦେଉଳିଆ ଅଜିତ ପାତ୍ର ଉପବିତ ଧାରଣ କରିଛନ୍ତି। ବିରାଟ ପଟୁଆରରେ ପାରମ୍ପରିକ ବାଦ୍ୟର ତାଳେ ତାଳେ ଚନ୍ଦନେଶ୍ୱର ପୀଠରୁ ସମସ୍ତ ସେବାୟତ, ପୂଜା ପଣ୍ଡା, ଶୈବ ଭକ୍ତ ମାନଙ୍କର ଶୋଭାଯାତ୍ରାରେ ଆସି ବରବରିଆ ଗ୍ରାମର ଗଙ୍ଗାଧର ଜେନାଙ୍କ ଘର ବାଡ଼ିର ଅକ୍ଷତ ଓ ନିଖୁଣ ଥିବା ପଡା ବାଉଁଶକୁ ପୂଜାର୍ଚ୍ଚନା କରାଯାଇ କାଟି ମନ୍ଦିର ଅଣାଯାଇ ରଖାଯାଇଛି।। ପାଟଭକ୍ତ, ଦେଉଳିଆ ସମେତ ଶତାଧିକ ଭକ୍ତ ଉପବୀତ ଧାରଣ କରିଛନ୍ତି। ଆଜି ଛେଦନ ହୋଇଥିବା ଧ୍ୱଜ ବାଉଁଶରେ ୧୦ ମହାବିଦ୍ୟା ଯଥା, କାଳୀ, ତାରା, ମହାବିଦ୍ୟା, ଭୁବନେଶ୍ୱରୀ, ଷୋଡ଼ୋଶୀ, ଭୈରବୀ, ଛିନ୍ନମସ୍ତା, ମାତଙ୍ଗୀ, ବଗଳାମୁଖି, ଦ୍ରୁମାବତୀ, ପ୍ରଭୁତିଙ୍କର ଚିତ୍ର ଶୋଭା ପାଇଥାଏ। ଉକ୍ତ ପଡ଼ା ବାଉଁଶ ଚନ୍ଦନେଶ୍ୱର ଓ କାମିନୀଙ୍କର ବିବାହ ଦିବସରେ ଏହାକୁ ପାଲିଙ୍କି ରୂପରେ ବ୍ୟବହାର କରାଯାଇଥାଏ । ଏହି ଧ୍ୱଜ ବାଉଁଶ ହେଉଛନ୍ତି ଚନ୍ଦନେଶ୍ୱରଙ୍କର ଚଳନ୍ତି ପ୍ରତିମା। କିମ୍ବଦନ୍ତୀ ଓ ଧାର୍ମିକ ବିଶ୍ୱାସ ଅନୁଯାୟୀ ଉକ୍ତ ଧ୍ୱଜ ବାଉଁଶକୁ ଦର୍ଶନ ଓ ସ୍ପର୍ଶ କଲେ ଭକ୍ତମାନଙ୍କର ମନସ୍କାମନା ପୂର୍ଣ୍ଣହୁଏ ବୋଲି ବିଶ୍ୱାସ ରହିଛି। ପ୍ରସିଦ୍ଧ ଚନ୍ଦନେଶ୍ୱର ଚଡ଼କ ପର୍ବ ପାଇଁ ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ଭୋଗରାଇ ପ୍ରଶାସନ ଓ ମନ୍ଦିର ସେବାୟତ ସଙ୍ଘ ତତ୍ପର ହୋଇ ଉଠିଛନ୍ତି। ଚଳିତବର୍ଷ ୧୦ ଲକ୍ଷରୁ ଉର୍ଦ୍ଧ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମକୁ ଲକ୍ଷ୍ୟ କରି ଗମନାଗମନ, ସ୍ୱାସ୍ଥ୍ୟସେବା, ପାନୀୟଜଳ ଓ ଆଇନଶୃଙ୍ଖଳା, ଶୌଚାଳୟ, ବିଦ୍ୟୁତ ଆଦି ମୌଳିକ ସମସ୍ୟା ଉପରେ ବିଶେଷ ବ୍ୟବସ୍ଥା ଗ୍ରହଣ କରାଯାଇଛି ! ଉପବୀତ ଧାରଣ ପାଇଁ ଦୂରରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଅସ୍ଥାୟୀ ଚାଳିଆ ସବୁ ତିଆରି କରି ସାରିଲେଣି। ମନ୍ଦିରର ଦୈନନ୍ଦିନ ନୀତିକାନ୍ତି ପୂଜାର୍ଚ୍ଚନା ପରେ ୧୧ ତମ ଅର୍ଘ୍ୟଦାନ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ଯଖପୁରା ମା' ହିଙ୍ଗୁଳାଙ୍କ ପୀଠରେ ସଫେଇ ଅଭିଯାନ



ଯଖପୁରା,୩।୪(ସମିସ): ଯଖପୁରାର ପ୍ରସିଦ୍ଧ ମା' ହିଙ୍ଗୁଳାଙ୍କ ପୀଠରେ ସାମୂହିକ ସଫେଇ କାର୍ଯ୍ୟକ୍ରମ କରଯାଇଛି। ଏଠାରେ ଗତ ମାର୍ଚ୍ଚ ୨୪ରୁ ୨୭ ତାରିଖ ପର୍ଯ୍ୟନ୍ତ ମା'ଙ୍କ ଯଜ୍ଞ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ତେବେ ଯଜ୍ଞ ଉତ୍ସବ ପରେ ପଡ଼ିଆଟି ଅଳିଆ ଆବର୍ଜନାର ପରିଣତ ହୋଇଯାଇଥିଲା। ଯାତ୍ରା ଶେଷ ହେବାର ପ୍ରାୟ ୬ ରୁ ୭ ଦିନ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ କମିଟି ପକ୍ଷରୁ ସଫେଇ ପାଇଁ କୌଣସି ପଦକ୍ଷେପ ନିଆଯାଇ ନଥିଲା। ଫଳରେ ପଡ଼ିଆ ସାରା ପଲିଥିନ, ପ୍ଲାଷ୍ଟିକ ବୋତଲ ଓ ଠୁଙ୍ଗା କାଗଜ ବିଛାଡ଼ି ହୋଇ ପଡ଼ିଥିଲା। ଏହି ଆବର୍ଜନା କେବଳ ପରିବେଶ ଦୂଷିତ କରୁ ନଥିଲା, ବରଂ ଗାଁର ନିରୀହ ଗୋରୁଗାଈମାନେ ଏହି ଅଳିଆକୁ ଖାଦ୍ୟ ଭ୍ରମରେ ଖାଇ ଅକାଳ ମୃତ୍ୟୁକୁ ଆମନ୍ତ୍ରଣ କରୁଥିଲେ। ପବିତ୍ର ଧର୍ମପୀଠର ଏତାଦୃଶ ଅବସ୍ଥା ଦେଖି ଗାଁର ସ୍ୱଚ୍ଛତା ପାଇଁ ସ୍ୱେଚ୍ଛାକୃତ ଭାବେ ଆଗେଇ ଆସିଲେ ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ସଂଘ, ଆମ ଗାଁ ଆମ କଥା ପରିବାର ଏବଂ ଗ୍ରାମର କିଛି ନିଷ୍ଠାପର ସଚେତନ ନାଗରିକ। ହାତରେ ଝାଡୁ ଓ ମୁଣ୍ଡରେ ଟୋକେଇ ଧରି ବୟସ୍କ ବ୍ୟକ୍ତିମାନେ ପଡ଼ଇବାକୁ ସଫେଇ କରିଥିଲେ।

## ୧୨ ବର୍ଷର ନାବାଳକକୁ ହତ୍ୟା ଅଭିଯୋଗ

ଦାନଗଦି,୩।୪(ସମିସ): କଳିଙ୍ଗନଗର ଥାନା ବାରାଖାଇ ଗ୍ରାମରେ ଘରେ କେହି ନ ଥିବାର ସୁଯୋଗ ନେଇ ଜଣେ ୧୨ ବର୍ଷର ନାବାଳକଙ୍କୁ ହତ୍ୟା କରି ଫେରାର ହୋଇଛନ୍ତି ଦୁର୍ବୃତ୍ତ। ଖବର ପାଇ କଳିଙ୍ଗନଗର ପୁଲିସ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକ ଜଣକ ହେଲେ ଚଗୁଲୁ ମଲ୍ଲିକ ଓରଫ ସୁଶାନ୍ତଙ୍କ ୧୨ ବର୍ଷର ନାବାଳିକା ପୁଅ ଶୁଭମ। ତେବେ ତାକୁ କେହି ହତ୍ୟା କରିବା ପରେ ବେକରେ ଲୁଗା ବାନ୍ଧି ଟାଙ୍ଗୀ ଦେଇଥିବା କଳିଙ୍ଗନଗର ଥାନାରେ ଅଭିଯୋଗ ହେଇଛି। ଅଭିଯୋଗ ପାଇବାପରେ ପୁଲିସ ୯୦/୨୦୨୬ରେ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଥିବା କହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣା ପଡିବ ବୋଲି ପୁଲିସ କହିଛି।

## ନୀଳାଚଳ କ୍ୱାଲିଟି ସର୍କଲ 'ବ୍ରାହ୍ମଣୀ' ସମ୍ମାନିତ

ଦାନଗଦି,୩।୪(ସମିସ): ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ) ର ବ୍ଲାଷ୍ଟ ଫର୍ଣ୍ଣେସ୍ କ୍ୱାଲିଟି ସର୍କଲ "ବ୍ରାହ୍ମଣୀ', କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି




(ସିଆଇଆଇ) ଦ୍ୱାରା ପ୍ରତିଷ୍ଠିତ "ସ୍ପେଶାଲ ମେନସନ୍ ଆୱାର୍ଡ' ବା ସ୍ୱତନ୍ତ୍ର ସମ୍ମାନ ଜନକ ପୁରସ୍କାରରେ ସମ୍ମାନିତ ହୋଇଛି। ଚେନ୍ନାଇଠାରେ ଅନୁଷ୍ଠିତ ସିଆଇଆଇ ବାର୍ଷିକ ଜାତୀୟ ସମ୍ମିଳନୀ ୨୦୨୬ରେ "ମାନୁଫାକଚରିଂ' ବା ଉତ୍ପାଦନ ବର୍ଗରେ ଏହି ପୁରସ୍କାର ମିଳିଛି। ୨୦୨୫-୨୦୨୬ ବର୍ଷ ମଧ୍ୟରେ "ବ୍ରାହ୍ମଣୀ' ଦଳ ହାସଲ କରିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସଫଳତା ପରେ ଜାତୀୟ ସ୍ତରର ଏହି ସମ୍ମାନ ମିଳିଛି। ଚଳିତ ବର୍ଷ ମାର୍ଚ୍ଚ ମାସରେ ଆଞ୍ଚଳିକ ସ୍ତରୀୟ ସିଆଇଆଇ ସମ୍ମିଳନୀରେ ଏହି ଦଳ ଦ୍ୱିତୀୟ ରନର୍ସ-ଅପ୍ ସ୍ଥାନ ହାସଲ କରିଥିଲା। ଏହି ସଫଳତାର ଯାତ୍ରା ରାଜ୍ୟ ସ୍ତରରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ସେମାନେ ସିଆଇଆଇ ରାଜ୍ୟ ସ୍ତରୀୟ ସମ୍ମିଳନୀରେ ପ୍ରଥମ ପୁରସ୍କାର ଜିତି ଉତ୍ପାଦନର ଗୁଣବତ୍ତା ଏବଂ ଦକ୍ଷତା କ୍ଷେତ୍ରରେ ନିଜକୁ ଅଗ୍ରଣୀ ଭାବେ ପ୍ରତିଷ୍ଠିତ କରିପାରିଥିଲେ। ଉକ୍ତ ପ୍ରତିଯୋଗିତାରେ ଏସଏମଏସ କ୍ୱାଲିଟି ସର୍କଲ "ଉତ୍କର୍ଷ' ମଧ୍ୟ ଜୁରି ପୁରସ୍କାରରେ ସମ୍ମାନିତ ହୋଇଥିଲା। ଏହି ସମସ୍ତ ସଫଳତା ନୀଳାଚଳ ଇସ୍ପାତ ନିଗମର କର୍ମଚାରୀଙ୍କ ବୈଷୟିକ ଦକ୍ଷତା ଏବଂ କ୍ରମାଗତ ଉନ୍ନତିମୂଳକ କାର୍ଯ୍ୟ ସଂସ୍କୃତିକୁ ସୂଚାଉଛି।

## ତରାପୁର ହିଙ୍ଗୁଳା ପୀଠରେ ଆବିର୍ଭୂତା ହେଲେ ମା'

ବ୍ୟାସନଗର,୩।୪(ସମିସ): ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତ ତରାପୁର ଗ୍ରାମର ଆରାଧ୍ୟା ଦେବୀ ଅଗ୍ନି ସ୍ୱରୂପିଣୀ ମା' ହିଙ୍ଗୁଳାଙ୍କ ୯୦ତମ ମହାଯଜ୍ଞୋତ୍ସବ ୧ରୁ ୯ ଦିନ ବ୍ୟାପୀ ଅନୁଷ୍ଠିତ ହେଉଛି। ତେବେ ଶୁକ୍ରବାର ଅପରାହ୍ନ ପ୍ରାୟ ୧୨.୨୦ ମିନିଟ୍ ସମୟରେ ମା' ହିଙ୍ଗୁଳାଙ୍କ ଆବିର୍ଭାବ ହୋଇଛି। ମା ହିଙ୍ଗୁଳାଙ୍କ ଆବିର୍ଭାବ ହେବା ଫଳରେ ସ୍ୱତଃ ପଣା ହାଣ୍ଡିରେ ଘୋଡ଼ା ହୋଇଥିବା ପାଟରେ



ଅଗ୍ନି ସଂଯୋଗ ହୋଇଯାଇଥିଲା। ପରେ ପୂଜକ ଏହି ଅଗ୍ନିରୁ ଅଗ୍ନି ନେଇ ଯଜ୍ଞ କୁଣ୍ଡରେ ଅଗ୍ନି ସଂଯୋଗ କରିଥିଲେ। ତେବେ ମା' ହିଙ୍ଗୁଳାଙ୍କ ଆବିର୍ଭାବ ସମୟରେ ସ୍ଥାନୀୟ ଅଞ୍ଚଳ ଲୋକାରଣ୍ୟ ହୋଇ ଉଠିଥିଲା। ମା' ହିଙ୍ଗୁଳାଙ୍କ ପୂଜା ନିମନ୍ତେ ସ୍ଥାନୀୟ ଅଞ୍ଚଳରେ ରାତ୍ରୀ ସମୟରେ ପାକ ନିଷେଧ ହେବା ସହିତ ଅଞ୍ଚଳର ପ୍ରାୟ ୫ କିମି ବ୍ୟାସାର୍ଦ୍ଧରେ ଆମିଷ ପଦାର୍ଥ ବିକ୍ରି ନିଷେଧକୁ ସ୍ଥାନୀୟ ଲୋକେ ସ୍ୱତଃ ପ୍ରବୃତ୍ତ ଭାବେ ପାଳନ କରୁଛନ୍ତି। ସନ୍ଧ୍ୟାରେ ନାମ ସଂକୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନାଟକ ପରିବେଷଣର କାର୍ଯ୍ୟକ୍ରମ ରହିଛି ବୋଲି ଆଞ୍ଚଳିକ ହିଙ୍ଗୁଳା କମିଟି ସଭାପତି ନରୋତ୍ତମ ଜେନା ଏବଂ ସମ୍ପାଦକ ନନ୍ଦକିଶୋର ସାହୁ ସୂଚନା ଦେଇଛନ୍ତି।

## ହିମାଂଶୁ ଦାସଙ୍କ ଜୟନ୍ତୀ ପାଳିତ

ବାଲେଶ୍ୱର, ୩।୪ (ସମିସ): ମେଘଡମ୍ବରୁସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲ ପରିସରରେ ପୂର୍ବତନ ଚେୟାରମେନ ସ୍ୱର୍ଗତ ହିମାଂଶୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବାଲେଶ୍ୱର ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସ (ବିସିଆଇସି) ତଥା ବିଦ୍ୟାଳୟ ପରିଚାଳନା ସମିତିର ଜଏଣ୍ଟ ଚେୟାରମେନ ସଞ୍ଜୟ ଦାସ ବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସାଧାରଣ ସମ୍ପାଦକ ଶଶୀଭୂଷଣ ମିଶ୍ର, ସଭାପତି ସୁନୀଲ କୁମାର ମୋଦି, ପରିଚାଳନା ସମିତିର ଅନ୍ୟତମ ସଦସ୍ୟ ରାଜେନ୍ଦ୍ର ଗୁପ୍ତା ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଉପାଧ୍ୟକ୍ଷ ରବୀନ୍ଦ୍ର ନାଥ ମହାନ୍ତି ଏବଂ ଅନ୍ୟତମ ଉପାଧ୍ୟକ୍ଷ ରଞ୍ଜନ କୁମାର ନାୟକ ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ପଲ୍ଲବୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜନ୍ମ ଜୟନ୍ତୀ ଅବସରରେ ବିଦ୍ୟାଳୟର ବାଳକ ମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ୍ ମ୍ୟାଚ ଏବଂ ବାଳିକା ମାନଙ୍କ ମଧ୍ୟରେ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



## ଆଜି ମା' ଭଦ୍ରକାଳୀ ପୀଠରେ ଘୋଡ଼ା ମେଳନ ଉତ୍ସବ

ଭଦ୍ରକ, ୩।୪(ସମିସ): ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀ ପୀଠରେ ଶନିବାର ସନ୍ଧ୍ୟାରୁ ଆରମ୍ଭ ହେବ ଐତିହାସିକ ଘୋଡ଼ା ମେଳନ ଉତ୍ସବ। ରଙ୍ଗୀନ ଆଲୋକମାଳା, ଢୋଲ, ମହୁରୀ, ମାଦଳ ବାଜାରେ କୈବର୍ତ୍ତ ମାହାଳର ନୃତ୍ୟ ସାଙ୍ଗକୁ ଆତସବାଜିର ଭରପୂର ଆନନ୍ଦ ଉଠାଇବେ ହଜାର ହଜାର ଭକ୍ତ। ଶାନ୍ତିଶୃଙ୍ଖଳା ନିମନ୍ତେ ଭଦ୍ରକ ଉପଜିଲ୍ଲାପାଳ ତଥା ମନ୍ଦିର ମେନେଜିଙ୍ଗ ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀ ଓ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ମନ୍ଦିର ସେବାୟତ ଓ କୈବର୍ତ୍ତ ମାହଲ ସହ ଆଲୋଚନା କରି କଡ଼ା ସୁରକ୍ଷା ବନ୍ଦୋବସ୍ତ କରିଛନ୍ତି। ଅର୍ଦ୍ଧରାତ୍ର ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ପରେ ଶୋଭାଯାତ୍ରାରେ ଆସିବେ କୈବର୍ତ୍ତ ମାହଲ। ଆହରପଦା ଘୋଡା ପ୍ରଥମେ ବାସୁଳି ମଣ୍ଡପରେ ବିଜେ କଲାପରେ, ବେଲଦା(କ), ଶୁଶୁଆ, ଗୁଆମାଳ, ତାଳପଦା ଓ ପରଦିନ ସକାଳୁ ସକାଳୁ ଗୋପଗଦା ଧର ପୁର, ମୋଡ଼ସାହି ଗୁଅମାଳ ଓ ଶେଷରେ ବିଜେ କରିବେ ବେଲଦା (ଖ) ର ଘୋଡ଼ା।

କୈବର୍ତ୍ତ ପୁରାଣ ଅନୁସାରେ, ସ୍ୱୟଂ ନାରାୟଣ ନିଜ କର୍ଣ୍ଣର ମଳିକୁ ପାଣିରେ ପକାଇଥିଲେ। ତାଙ୍କ ଇଚ୍ଛାରେ ଉକ୍ତ ଜଳ ରାଶିରୁ କୈବର୍ତ୍ତଙ୍କ ଜନ୍ମ ହୋଇଥିଲା। ନାରାୟଣଙ୍କ ଇଚ୍ଛାରେ ଏହି କୈବର୍ତ୍ତ ସିଂହଳ ଦ୍ୱୀପର ରାଜା ହେବା ପରେ ତାକୁ ଡଙ୍ଗା ଓ ଏକ ଅଶ୍ୱ ପ୍ରଦାନ କରିଥିଲେ। ରାଜା ଏହି ଅଶ୍ୱରେ ବସି ବାଣିଜ୍ୟ ବ୍ୟବସାୟ କରୁଥିଲେ। କିଛି ଦିନ ପରେ ଅଶ୍ୱର ମୃତ୍ୟୁ ହେଲା। ଅଶ୍ୱକୁ ନାରାୟଣ ବର ପ୍ରଦାନ କଲେ ଦୀର୍ଘ ଦିନ କୈବର୍ତ୍ତମାନଙ୍କର ସେବା କରିଥିବାରୁ କୈବର୍ତ୍ତମାନେ ଇଷ୍ଟଦେବୀ ରୂପେ ଅଶ୍ୱକୁ ମା' ବାସୁଳି ରୂପେ ପୁଜା କରିବେ। ସେହି ଦିନଠାରୁ ମା' ବାସୁଳିଙ୍କ ପୂଜା ହୋଇଆସୁଛି। ମା' ଭଦ୍ରକାଳୀ ବାସୁଳିଙ୍କ ପ୍ରତି ରୂପ ବୋଲି କୈବର୍ତ୍ତ ମାନେ ଅତୁଟ ବିଶ୍ୱାସ କରନ୍ତି। କୈବର୍ତ୍ତମାନେ ଚୈତ୍ର ମାସ ପୂର୍ଣ୍ଣମୀ ତିଥିରେ ନଈ କିମ୍ବା ପୋଖରୀ ମଧ୍ୟରୁ ମାଟି ଆଣି ଡଙ୍ଗା, ନାଉରୀ ଓ ଅଶ୍ୱର ମୂର୍ତ୍ତି ତିଆରି କରି ପୁଜା କରିଥାନ୍ତି। ପୂର୍ଣ୍ଣିମାର ତୃତୀୟଦିନ ମା ଭଦ୍ରକାଳୀଙ୍କ ପୀଠକୁ ମା ବାସୁଳିଙ୍କୁ ଶୋଭାଯାତ୍ରାରେ ଆଣି ମେଳନରେ ବିଜେ କରିଥାନ୍ତି। ଘୋଡ଼ା ମେଳନର ଦ୍ୱିତୀୟ ଦିନ ଅପରାହ୍ନଠାରୁ ମା'ଙ୍କ ସମ୍ମୁଖରେ ଆରମ୍ଭ ହୁଏ ଘୋଡା ଦାଣ୍ଡିଆ। ଏହି ଦାଣ୍ଡିଆ ଦେବା ପରେ ମା' ଭଦ୍ରକାଳୀଙ୍କ ଆଶୀର୍ବାଦ ମାଳ ନେଇ ଫେରିଥାନ୍ତି କୈବର୍ତ୍ତ ମାହଲ। ମା' ଭଦ୍ରକାଳୀଙ୍କ ପୀଠରେ ଏହି

### ଶାନ୍ତିଶୃଙ୍ଖଳା ନିମନ୍ତେ ପ୍ରଶାସନର କଡ଼ା ପଦକ୍ଷେପ

ପୁରୁଣା ପରମ୍ପରା ସଂସ୍କୃତିକୁ ଯାକଯମକରେ ପାଳନ କରିବା ନିମନ୍ତେ ସମସ୍ତ ସେବାୟତ, ପୂଜକ, ସ୍ଥାନୀୟ ଗ୍ରାମବାସୀ ବିଭିନ୍ନ ଦାୟିତ୍ୱରେ ରହି କର୍ତ୍ତବ୍ୟ ନିର୍ବାହ କରୁଛନ୍ତି। ଜିଲ୍ଲା ପ୍ରଶାସନ ଓ ସେବାୟତ କମିଟି ତରଫରୁ ପାନୀୟଜଳ, ଆଲୋକ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ଓ ପୂଜାନୀତି କାନ୍ତି ନିମନ୍ତେ ବାରମ୍ବାର ବୈଠକ ହୋଇ ନିଷ୍ପତ୍ତି ଗ୍ରହଣ କରାଯାଇଛି।







## ପୋଖରୀରେ ବୁଡ଼ି ପରିବାରର ମୁରବୀ ମୃତ; ସହାୟତା ଦାବି

କୋଠାର,୩।୪(ସମିସ): ଧାମନଗର ବ୍ଲକ କୋଠାର ପଞ୍ଚାୟତ ନସଲାପୁର ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଗ୍ରାମର ନୁରସିଙ୍ଗ ଚରଣ ପୃଷ୍ଟି ନସଲାପୁର କ୍ଲବ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି। ପରିବାର ଲୋକଙ୍କ କହିବାନୁସାରେ, ସେ ଗାଧୋଇବାକୁ ଯାଇ ଦୀର୍ଘ ସମୟ ଧରି ଘରକୁ ଫେରି ନଥିବାରୁ ପରିବାର ସଦସ୍ୟ ଓ ଗ୍ରାମବାସୀ ପୋଖରୀ ନିକଟରେ ଖୋଜାଖୋଜି କରିଥିଲେ। ପରେ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ପୋଖରୀରୁ ତାଙ୍କୁ ଉଦ୍ଧାର କରିଥିଲେ, କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ମୃତକ ନୁରସିଙ୍ଗ ଚରଣ ପୃଷ୍ଟି ଜଣେ ଦିନ ମଜୁରିଆ ଥିବା ବେଳେ ତାଙ୍କ ପରିବାର ଅତ୍ୟନ୍ତ ଗରିବ ବୋଲି ଜଣାପଡ଼ିଛି। ତାଙ୍କ ପରିବାରରେ ୨ ପୁଅ ଅଛନ୍ତି। ଦିନ ମଜୁରିଆ ଭାବରେ କାମ କରନ୍ତି। ତାଙ୍କର ଅକାଳ ବିୟୋଗରେ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଛି। ଗ୍ରାମବାସୀ ମଧ୍ୟ ଏହି ଘଟଣାରେ ଶୋକ ପ୍ରକାଶ କରିଛନ୍ତି। ସ୍ଥାନୀୟ ଲୋକମାନେ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି ଯେ ଏହି ଅସହାୟ ଓ ଦରିଦ୍ର ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦିଆଯାଉ।

# ପୋକ ଆକ୍ରମଣରେ ମୁଗ-ବିରି ଚାଷ ନଷ୍ଟ ଆଶଙ୍କା

ଦୋବଲ,୩।୪(ସମିସ)



ଧାମନଗର କୃଷି ବିଭାଗ ପକ୍ଷରୁ ମୁଗ ଓ ବିରି ଚାଷୀମାନଙ୍କୁ ଯୋଗାଇ ଦିଆଯିବାକୁ ଥିବା ଫେରୋମୋନ ଟ୍ରା (ସୋଲାର ଲାଇଟ) ଓ ହଳଦିଆ ଅଠା ଯନ୍ତ୍ର ବଣ୍ଟନରେ ଅନିୟମିତତା ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଧାମନଗର ବ୍ଲକର ପ୍ରାୟ ୩୫୦୦ ହେକ୍ଟର ଜମିରେ ୭୧୬୩ ଜଣ ଚାଷୀ ମୁଗ ଓ ବିରି ଚାଷ କରିଥିବା ବେଳେ ଏଥିରୁ ୨୯୦୦ ହେକ୍ଟରରେ ମୁଗ ଓ ୬୦୦ ହେକ୍ଟରରେ ବିରି ଚାଷ ହୋଇଥିବା ଧାମନଗର କୃଷି ଅଧିକାରିଣୀ ଅନୁରାଧା ପଣ୍ଡା ସୂଚନା ଦେଇଛନ୍ତି। ବର୍ତ୍ତମାନ ଫସଲରେ ଫଳ ପାକଳ ଆସିଥିବା ସମୟରେ ପୋକ ଆକ୍ରମଣ ବଢ଼ିବାରୁ ଚାଷୀମାନେ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ପୋକମାନେ ଗଛ ସହ ଫଳକୁ ନଷ୍ଟ କରୁଥିବାରୁ ଉତ୍ପାଦନରେ କ୍ଷତି ଆଶଙ୍କା କରାଯାଉଛି।

ପୋକ ନିୟନ୍ତ୍ରଣ ପାଇଁ କୃଷି ବିଭାଗ ପକ୍ଷରୁ ଫେରୋମୋନ ଟ୍ରା (ସୋଲାର ଲାଇଟ) ଓ ହଳଦିଆ ଅଠା ଯନ୍ତ୍ର ଯୋଗାଇବାର ବ୍ୟବସ୍ଥା ରହିଥିଲେ ମଧ୍ୟ ଏହା ପ୍ରାୟୋଗିକ ଭାବେ ଚାଷୀମାନଙ୍କ ପାଖକୁ ପହଞ୍ଚିନାହିଁ। ଫେରୋମୋନ ଟ୍ରା ଲଗାଇଲେ ପୋକ ଆକର୍ଷିତ ହୋଇ ଲାଇଟ୍ ପାଖକୁ ଆସିଥାଏ ଓ ହଳଦିଆ ଅଠା ଯନ୍ତ୍ରରେ ଲାଗି ନଷ୍ଟ ହୋଇଯାଏ, ଯାହା ଫସଲକୁ ସୁରକ୍ଷା ଦେଇଥାଏ। ନିୟମ ଅନୁଯାୟୀ ହେକ୍ଟର ପିଛା ୧୦ଟି ଫେରୋମୋନ ଟ୍ରା ଓ ୨୦ଟି ହଳଦିଆ ଅଠା ଯନ୍ତ୍ର ଦିଆଯିବାକୁ ଥିବା ସତ୍ତ୍ୱେ, ଅମଳ ସମୟ ନିକଟରେ ଥିଲେ ମଧ୍ୟ ଏହା ବଣ୍ଟନ ହୋଇନାହିଁ।

ଏହାକୁ ନେଇ ଚାଷୀମାନେ କୃଷି ବିଭାଗର ଅବହେଳା ଉପରେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ସାମଗ୍ରୀ ବଣ୍ଟନରେ ଅନିୟମିତତା ଓ ବାଟମାରଣା ହେଉଥିବା ଅଭିଯୋଗ ଉଠାଇଛନ୍ତି। ଏନେଇ ଧାମନଗର ବ୍ଲକ କୃଷି ଅଧିକାରୀ ଅନୁରାଧା ପଣ୍ଡା କହିଛନ୍ତି ଚାଷୀଙ୍କୁ ପ୍ରଦାନ କରାଯାଇଛି। ସେମାନେ ବିଲରେ ନଲଗାଇ ଘରେ ରଖିଦେଉଛନ୍ତି। ଏଥିରେ କୌଣସି ଅବ୍ୟବସ୍ଥା ହୋଇନାହିଁ।

## ଆନିକଟରେ ବୁଡ଼ି ଯୁବକ ମୃତ

ବାରିକପୁର,୩।୪(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଆଖୁଆପଦା ବୈତରଣୀ ଆନିକଟଠାରେ ବୁଡି ଯାଇ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଥିବା ଜଣାଯାଇଛି। ଆଖୁଆପଦା ଗ୍ରାମର ରମେଶଚନ୍ଦ୍ର ବେହେରାଙ୍କ ପୁଅ ଭୋଳାନାଥ (୨୦) ଆଜି ଅପରାହ୍ନ ୧୨ଟା ସମୟରେ ଅନ୍ୟ ପିଲାମାନଙ୍କ ସହ ଆନିକଟକୁ ଗାଧୋଇବାକୁ ଯାଇଥିଲେ। ଭୋଳାନାଥ ଗଭୀର ଜଳରାଶିରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକମାନେ ଖୋଜାଖୋଜି କରି ପ୍ରାୟ ୧୦ମିନିଟ ମଧ୍ୟରେ ଉଦ୍ଧାର କରି ଯାଜପୁର ମେଡିକାଲକୁ ନେଇଥିବା ବେଳେ ଡାକ୍ତର ସେଠାରେ ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ଭୋଳାନାଥ ପରିବାରର ଏକମାତ୍ର ପୁତ୍ର ହୋଇଥିବା ବେଳେ ତାଙ୍କର ଅକାଳ ମୃତ୍ୟୁକୁ ନେଇ



ବାପା ମାଆ ଭାଙ୍ଗି ପଡିଛନ୍ତି। ସେ ଜଣେ ମେଳାପୀ ଓ ପର ଉପକାରୀ ପିଲା ଭାବେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ପରେ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଜୀବନରୁ ମାରିଦେବାକୁ ଧମକ

ଧର୍ମଶାଳା,୩।୪(ସମିସ): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ପନ୍ତୁରି ଗ୍ରାମର ଜଣେ ଯୁବକଙ୍କୁ ଜୀବନରୁ ମାରିଦେବା ପାଇଁ ଉଦ୍ୟମ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ ପନ୍ତୁରି ଗ୍ରାମର ଗୌତମ ସାହୁ ନାମକ ଜଣେ ଯୁବକ ନିଜ ଜାରକାରୁ କାମ ସାରି କାର୍‌ରେ ନିଜ ଘରକୁ ଫେରୁଥିବା ସମୟରେ ଧର୍ମଶାଳା ଥାନା ନାକପୋଲ ବଙ୍ଗାଳି ସାହି ନିକଟରେ ସ୍ଥାନୀୟ ଥାନୁଆଳ ଗ୍ରାମର ପ୍ରମୋଦ କୁମାର ଜେନା ସମେତ ଅନ୍ୟ ୫ ଜଣ ଯୁବକ ତାଙ୍କୁ ଅଟକାଇ ଆକ୍ରମଣ କରିବା ସହ ତାଙ୍କ ପାଖରେ ଥିବା ୨ ଲକ୍ଷ ଟଙ୍କା ଛଡାଇ ନେଇଯାଇଥିଲେ। ଏନେଇ ଗୌତମ ସାହୁ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିବା ପାରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ତେବେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏଭଳି ଘଟଣା ଘଟିଥାଇ ପାରେ ବୋଲି ପୁଲିସ ସନ୍ଦେହ କରିଛି।

